## ଆଜି କ'ଣ କେଉଁଠି

ରେମୁଣା

- ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା, ବରୁଣ ସିଂ ମହାବିଦ୍ୟାଳୟ, ଶେରଗଡ଼, ପୂର୍ବାହ୍ନ ୧୦ଟା।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲେଶ୍ୱର ଅଫିସ୍, ୨୮।୯:** ବାଲେଶ୍ୱର ଚାନ୍ଦିପୁର ଥାନା ଅଧୀନ ବଡକିଆ ଗ୍ରାମରେ ଚନ୍ଦ୍ରମଣି ସାମଲ ନାମକ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଶୁକ୍ରବାର ସନ୍ଧ୍ୟାରେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୁଣ୍ଡକୁ ଆଘାତ କରାଯିବାରୁ ମୃତ୍ୟୁ ଘଟିଥାଇପାରେ ବୋଲି ଡାକ୍ତର କହିଛନ୍ତି।

## ଲୋକସେବା ଅଧିକାର ନିୟମାବଳୀ ସଚେତନତା ଶିବିର

**ଖଇରା, ୨୮।୯(ଡି.ଏନ.ଏ.):** ସ୍ଥାନୀୟ ଖଇରା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଓଡ଼ିଶା ଲୋକସେବା ଅଧିକାର ଓ ଅଧିନିୟମ ନିୟମାବଳୀ ୨୦୧୨ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର ଅଧକ୍ଷତା କରିଥିଲେ। ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେବା ଅବସରରେ ଅଧିନିୟମ ୨୦୧୨ ଅନୁଯାୟୀ ବର୍ତ୍ତମାନ ଜନସାଧାରଣ ଆଉ ବିଭିନ୍ନ ପ୍ରମାଣପତ୍ର ପାଇଁ ଅଯଥା ସମୟ ଅପେକ୍ଷା ନ କରି ସମୟସୀମା ମଧ୍ୟରେ ପ୍ରମାଣପତ୍ର ନେଇପାରିବେ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ, ଭାନୁମତୀ ମାଝି, କାର୍ଯ୍ୟକ୍ରମ ସଂଯୋଜକ ଅପୂର୍ବ ରଞ୍ଜନ ରାୟ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ।

## ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ ନେଇ ବିବାଦ

## ମାପଚୁପ କଲେ ଅମିନ



**ରସାଳପୁର, ୨୮।୯(ଡି.ଏନ.ଏ.):** ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ ଖାନ୍‌ନଗର ଓ ବରୁଣ ସିଂ ପଞ୍ଚାୟତରେ ବରୁଣ ସିଂ ଷ୍ଟେଶନଠାରୁ ପୁରୁଷୋତ୍ତମପୁର ଗ୍ରାମର ତାରିଣୀ ମନ୍ଦିର ଛକ ଭାୟା ଉତ୍ତରଚକ ୧୭କି.ମି. ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା। ଏହାର କାର୍ଯ୍ୟାଦେଶ ଠିକାଦାର ଅଜିତ୍ ଘଡ଼େଇଙ୍କୁ ମିଳିଥିଲା। ମାତ୍ର ଉତ୍ତରଚକ ନିକଟରେ ପ୍ରାୟ ୫ଶହ ମିଟର ସଡ଼କରେ ପିଚୁ କାମ ହୋଇନାହିଁ। ଖାନ୍‌ନଗର ଗ୍ରାମର ସ୍ୱର୍ଗତ ଠକରୁ ଦଲେଇଙ୍କ ପୁଅ ଲକ୍ଷ୍ମଣ ଦଲେଇ ଏବଂ ତାଙ୍କ ନାତି ଟୁଟୁ ଦଲେଇଙ୍କର ଘରୋଇ ଚାଷ ଜମି ପ୍ଲଟ୍ ନଂ. ୧୯୭୨ ଉପରେ ୬.୬୦୦ ଡିସମିଲ୍ ଜମି ଖାତା ନଂ. ୨୦୯ରେ ରହିଛି। ଠିକାଦାର୍ ସରକାରୀ ଜମି ପରିବର୍ତ୍ତେ ଠକରୁ ଦଲେଇଙ୍କ ଜମି ଉପରେ ପିଚୁ ରାସ୍ତା ନିର୍ମାଣ କରିବାରୁ ଏହାକୁ ନେଇ ବିବାଦ ଉପୁଜିଥିଲା। ଏନେଇ ଲକ୍ଷ୍ମଣ ଦଲେଇ ଓ ତାଙ୍କ ପୁଅ ଟୁଟୁ ଦଲେଇ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ବିଚାରପତି ଏହି ମାମଲାର ଶୁଣାଣି କରି ଅଭିଯୋଗର ସରଜମିନ୍ ତଦନ୍ତ ପାଇଁ ସଦର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରଙ୍କ ଆଦେଶ ଅନୁଯାୟୀ ସଦର ରାଜସ୍ୱ ନୀରିକ୍ଷକଙ୍କ ଅଦେଶ ସଂଖ୍ୟା ୬୯୯୬ ମୁତାବକ ଶୁକ୍ରବାର ମଧ୍ୟାହ୍ନରେ ଅମିନ ପୋଲିସ୍ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଉକ୍ତ ବିବାଦୀୟ ପ୍ଲଟ୍‌ର ମାପଚୁପ କରିଥିଲେ। ମାପଚୁପ ସମୟରେ ଠିକାଦାର ଲକ୍ଷ୍ମଣଙ୍କ ଚାଷ ଜମିରୁ ୧.୨୦୦ ଡିସିମିଲ୍ ଜମି ଉପରେ ରାସ୍ତା ନିର୍ମାଣ କରିଥିବା ଜାଣିବାକୁ ପାଇଛନ୍ତି। ଅମିନ ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ନିକଟ ତଦନ୍ତ ରିପୋର୍ଟ ଦେବେ ବୋଲି ସୂଚନା ଦେଇଛନ୍ତି। ତେବେ ଦୀର୍ଘ କିଛି ମାସ ହେଲା ଲକ୍ଷ୍ମଣ ଦଲେଇ ଓ ତାଙ୍କ ପରିବାର ନିଜ ଜମି ଉପରେ ସରକାରୀ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯିବା ଘଟଣାକୁ ନେଇ ମକଦ୍ଦମା କରିବା ସହ ମାନସିକ ଅଶାନ୍ତିରେ ରହୁଥିବା ବେଳେ ତହସିଲଦାର ଏ ସମ୍ପର୍କରେ ଅଦାଲତଙ୍କୁ ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି।

# 'ସଂଗ୍ରାମୀଙ୍କ ପୀଡ଼ା ଅନୁଭବ କର, ପ୍ରେରଣା ମିଳିବ'

## ତୁଡ଼ିଗଡ଼ିଆରେ ୭୬ତମ ଶହୀଦ ଦିବସ ସମାରୋହ

**ଖଇରା, ୨୮।୯(ଡି.ଏନ.ଏ.)**



ଶହୀଦ ଦିବସ ସମାରୋହରେ ଉପସ୍ଥିତ ଅତିଥି।

ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ରକ୍ତତୀର୍ଥ ବାଲେଶ୍ୱର ଜିଲା ଖଇରା ବ୍ଲକର ତୁଡ଼ିଗଡ଼ିଆରେ ଶୁକ୍ରବାର ୭୬ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ସ୍ୱାଧୀନତା ଆନ୍ଦୋଳନ ସମୟର ଶହୀଦଙ୍କ ପୀଡାକୁ ବର୍ତ୍ତମାନର ଯୁବପିଢି ଅନୁଭବ କରିବା ଦରକାର। ଏହାଦ୍ୱାରା ସେମାନେ ପ୍ରେରଣା ଲାଭ କରି ଆଗକୁ ବଢି ପାରିବେ ବୋଲି ଶହୀଦ ଦିବସ ସମାରୋହରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ସଭା ଅବସରରେ ଶହୀଦଙ୍କ ସ୍ମୃତି ଚାରଣ କରି ସେମାନଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଶହୀଦଙ୍କ ଉଦ୍ଦେଶ୍ୟରେ ତୋପ ସଲାମି ଦିଆଯାଇଥିଲା। ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ବ୍ରିଟିଶ ପୋଲିସ ଗୁଳିରେ ଶହୀଦ ହୋଇଥିବା ତୁଡ଼ିଗଡ଼ିଆ ଅଞ୍ଚଳର ରଘୁ ବେହେରା, ମକର ଲେଙ୍କା, କେଲୁ ସାହୁଙ୍କ ବଳିଦାନକୁ ସ୍ମରଣ କରି ସେମାନଙ୍କ ଜନ୍ମ ସ୍ଥାନ ଡାଲଙ୍ଗରେ ମଧ୍ୟ ଶହୀଦ ଦିବସ ପାଳନ କରାଯାଇଥିଲା।

ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ମୁଖ୍ୟ ସମାରୋହରେ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ ମୁଖ୍ୟଅତିଥି, ବଉଳା ମହାବିଦ୍ୟାଳୟର ଅଧ୍ୟାପକ ଶିବ ପ୍ରସାଦ ଖାମୁରାଇ ମୁଖ୍ୟବକ୍ତା, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଜିଲାପରିଷଦ ସଭ୍ୟା ଜୟନ୍ତୀ ମହଲା, ସରପଞ୍ଚ ତିଳୋତ୍ତମା ମଲ୍ଲିକ, ସମିତିସଭ୍ୟ ମନୋଜ କୁମାର ରାଉତ, ବରିଷ୍ଠ ନାଗରିକ ନିତ୍ୟାନନ୍ଦ ସାହୁ, ଉପେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପେନ୍ଦ୍ର ପାଢ଼ୀ ବିବରଣୀ ପାଠ କରିଥିଲେ। ଜନ କଲ୍ୟାଣ ପରିଷଦର ସଭାପତି ଇଂ ବେଣୁଧର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧକ୍ଷ ବିଷ୍ଣୁମୋହନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଜରିଆରେ ଗୋଟିପୁଅ ନାଚ ପ୍ରଦର୍ଶିତ ହୋଇଥିଲା। ଏଥିସହ କାହ୍ନୁଚରଣ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ଆୟୋଜିତ ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁମଧ୍ୟ ପୁରସ୍କୃତ କରାଯାଇଥିଲା।

### ସେଦିନର କିଛି ସ୍ମୃତି...

ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅବିଭକ୍ତ ବାଲେଶ୍ୱରବାସୀ ସେତେବେଳେ ଦାଣ୍ଡି ଓ ଇଞ୍ଚୁଡ଼ି ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ଖଇରା ବ୍ଲକର ସଂଗ୍ରାମୀ ନିଳାମ୍ବର ଦାସ, ସୁରେନ୍ଦ୍ର ଦାସ, ବୈଦ୍ୟନାଥ ରାଉତଙ୍କ ନେତୃତ୍ୱରେ ହଜାର ହଜାର ଲୋକ ସତ୍ୟାଗ୍ରହରେ ସାମିଲ ହୋଇ ବିଟିଶ ସରକାରଙ୍କୁ ଥରହର କରିଦେଇଥିଲେ। ସେଦିନ ଥିଲା ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ। ତୁଡ଼ିଗଡ଼ିଆ ଅଞ୍ଚଳରେ ଆନ୍ଦୋଳନକାରୀଙ୍କ ଉପରକୁ ପୋଲିସ ଗୁଳି ଚଳାଇବାରୁ ରଘୁ ବେହେରା, ମକର ଲେଙ୍କା, କେଲୁ ସାହୁ ଶହୀଦ ହୋଇଥିଲେ। ରକ୍ତତୀର୍ଥ ତୁଡ଼ିଗଡ଼ିଆର ଏହି ସ୍ମୃତି ସାଙ୍ଗକୁ ଶହୀଦ ପୀଠର ବିକାଶ ଲାଗି ପଦକ୍ଷେପ ନିଆଯିବା ଜରୁରୀ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।



ହତ୍ୟା ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ।

## ଯୁବ ବ୍ୟବସାୟୀଙ୍କୁ ହତ୍ୟା ଘଟଣା, ୨ ଗିରଫ

**ବାଲେଶ୍ୱର ଅଫିସ, ୨୮।୯**

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଫିରିଙ୍ଗିପାଟଣା ଅଞ୍ଚଳର ଯୁବ ବ୍ୟବସାୟୀ ମାନସ ଦାସ (୪୦)ଙ୍କୁ ଗତ ୧ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିଲେ। ଘଟଣା ପରେ ସମସ୍ତେ ଫେରାର୍ ଥିବା ବେଳେ ଗତ ୧୩ ତାରିଖରେ ବାଲିଆ ଅଞ୍ଚଳର ପ୍ରଶାନ୍ତ ବେହେରା (୨୮)ଙ୍କୁ ସହଦେବଖୁଣ୍ଟା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ବ୍ୟବହୃତ ଦୁଇଟି ଦାମୀ କାର୍ ଜବତ କରାଯାଇଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ସଦର ଥାନା ଅଧୀନ ଗେଙ୍ଗୁଟି ଅଞ୍ଚଳର ରାଜୁ ସିଂ (୧୮)ଙ୍କୁ ମୟୂରଭଞ୍ଜ ଜିଲା ମୋରଡ଼ା ଅଞ୍ଚଳରୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଆସାମୀ ଗେଙ୍ଗୁଟି ଅଞ୍ଚଳର ଲାଲା ଟୁଡୁ (୨୨)ଙ୍କୁ ଗ୍ରାମରୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି।

ମାନସ ସହଦେବଖୁଣ୍ଟାରେ ଥିବା ନିଜ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୧୧ଟା ବେଳେ ଫିରିଙ୍ଗିପାଟଣା ସ୍ଥିତ ବାସଗୃହର ଗେଟ୍ ଖୋଲୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳି ମାରି ହତ୍ୟା କରିଥିଲେ। ଘଟଣାସ୍ଥଳରେ ମାନସଙ୍କ ମୃତ୍ୟୁ ହୋଇଥିଲା। ପଡ଼ୋଶୀ ଏବଂ ସମ୍ପର୍କୀୟମାନେ ଜାଣିବା ପରେ ପହଞ୍ଚି ମାନସଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମାନସଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ୩ ତାରିଖରେ ରବିବାର ସହଦେବଖୁଣ୍ଟା ଥାନାରେ ମାନସଙ୍କ ସ୍ତ୍ରୀ ଏଲୋରା ଦାସଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ. ୨୫୭/୧୮) ରୁଜୁ କରି ତଦନ୍ତ ଜାରି କରିଥିଲା। ସହଦେବଖୁଣ୍ଟା ଥାନା ସବ୍-ଇନ୍ସପେକ୍ଟର ପ୍ରିୟତ୍ତମା ପ୍ରଧାନଙ୍କ କହିବା ଅନୁଯାୟୀ, ଅର୍ଥ କାରବାରକୁ ନେଇ ହତ୍ୟା କାଣ୍ଡ ଘଟାଇଥିଲେ। ମୁଖ୍ୟ ଦୁର୍ବୃତ୍ତଙ୍କଠାରୁ ମାନସଙ୍କ ପୂର୍ବରୁ ଅର୍ଥ ନେଣଦେଣକୁ ନେଇ ବିବାଦ ଉପୁଜିଥିଲା। ଏଥିରେ ୯ ଜଣ ସାମିଲ ଥିବା ଗିରଫ ହୋଇଥିବା ଅଭିଯୁକ୍ତମାନେ କହିଛନ୍ତି। ମୋଟ ୩ ଜଣ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଆସାମୀଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।



ଦୁର୍ଗା ପୂଜା ନିମନ୍ତେ ଶାନ୍ତି କମିଟି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ଦୁର୍ଗାପୂଜା ଉପଲକ୍ଷେ ଶାନ୍ତି କମିଟି ବୈଠକ

# ଶବ୍ଦ ପ୍ରଦୂଷଣ ଉପରେ ଲଗାମ

**ବାଲେଶ୍ୱର ଅଫିସ, ୨୮।୯**

### ସମସ୍ତ ପୂଜାମଣ୍ଡପରେ ଲାଗିବ ଅଗ୍ନି ନିର୍ବାପକ ଯନ୍ତ୍ର

ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଉକ୍ତ ବୈଠକରେ ଅଧକ୍ଷତା କରିଥିବା ବେଳେ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ଅରୁଣ ଦେ, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ, ଉପ ଆରକ୍ଷୀ ଅଧୀକ୍ଷକ ସୁଦର୍ଶନ ଦାଶ, ନିର୍ବାହୀ ଅଧିକାରୀ କାହ୍ନୁଚରଣ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ଯୋଗଦାନ କରି ସେମାନଙ୍କ ମତାମତ ରଖିଥିଲେ। ଦୁର୍ଗାପୂଜା ଲାଗି ବାଲେଶ୍ୱର ସହରରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ମେଢ ନିର୍ମିତ ହେବ। ମହାଷଷ୍ଠୀ ପୂଜା ଅକ୍ଟୋବର ୧୫ ତାରିଖରେ ଆରମ୍ଭ ହୋଇ ୧୯ ତାରିଖ ଦିନ ଦଶହରା ପୂଜା ଅନୁଷ୍ଠିତ ହେବ। ୨୦ତାରିଖରେ ଭସାଣୀ ଯାତ୍ରା ଓ ବାଲେଶ୍ୱରର ପ୍ରସିଦ୍ଧ ପାରମ୍ପରିକ ବାଡ଼ିଖେଳ ଅନୁଷ୍ଠିତ ହେବ। ଭସାଣୀ ଯାତ୍ରା ସକାଳ ୮ଟାରୁ ଆରମ୍ଭ ହୋଇ ରାତି ୧୦ ସୁଦ୍ଧା ସରିବ। ଭସାଣି ଯାତ୍ରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ଏବଂ ଡି.ଜେ ମ୍ୟୁଜିକ ସିଷ୍ଟମ ଉପରେ କଟକଣା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ଏବଂ ମ୍ୟୁଜିକ ସିଷ୍ଟମକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ବାଲେଶ୍ୱର ଉପ-ଜିଲାପାଳଙ୍କ ଅଫିସ୍‌ରେ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ସମସ୍ତ ପ୍ରକାର ଅନୁମତି ପତ୍ର ଯୋଗାଇ ଦିଆଯିବ। ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ବିଜୁଳି, ପ୍ରଦୂଷଣ, ଶବ୍ଦ, ଥାନା, ଅଗ୍ନିଶମ ବିଭାଗ ଆଦି ଅନୁମତି ପତ୍ର ପ୍ରଦାନ କରାଯିବାକୁ ଥିବାବେଳେ ଏଥିଲାଗି ଆସନ୍ତା ଅକ୍ଟୋବର ୧୦ତାରିଖରୁ ଆବେଦନ କରିହେବ। ପୂଜାମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା।

## ସୁବର୍ଣ୍ଣରେଖା ବନ୍ଦର ବିପକ୍ଷରେ ତେଜିଲା ଭିଟାମାଟି ସୁରକ୍ଷା କମିଟି

# 'ମରିବୁ ପଛେ, ଇଞ୍ଚେ ମାଟି ଛାଡ଼ିବୁନି'

**ବାଲିଆପାଳ, ୨୮।୯(ଡି.ଏନ.ଏ.)**

ମା'ମାଟିର ସୁରକ୍ଷା ପାଇଁ ମରିବୁ ପଛେ ଇଞ୍ଚେ ମାଟି ଛାଡିବୁ ନାହିଁ, ବିକାଶ ନାଁରେ ସରକାର ବିନାଶକୁ ଆମନ୍ତ୍ରଣ କରିଛନ୍ତି, କୌଣସି ପରିସ୍ଥିତିରେ ଚଉମୁଖଠାରେ ବନ୍ଦର କରାଇଦେବୁ ନାହିଁ ବୋଲି ଭିଟାମାଟି ସୁରକ୍ଷା କମିଟିର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି କମିଟି ପକ୍ଷରୁ ଶୁକ୍ରବାର ବାଲିଆପାଳ ଥାନା ଚଉମୁଖ ପଞ୍ଚାୟତର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବିଶାଳ ଖବରଦାତା ସମ୍ମିଳନୀ କରାଯାଇ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ବିରୋଧ କରାଯାଇଛି। ଚଉମୁଖଠାରେ ବନ୍ଦର ହେଲେ ସେଠାରେ ଜୈବ ବିବିଧତା ନଷ୍ଟ ହେବ। ପାନ, ଧାନ, ମୀନର ଶସ୍ୟ ଶ୍ୟାମଳା ଚଉମୁଖ ମାଟିରେ ସବୁ କିଛି ଚାଲିଯିବ। ବାଲିଆପାଳର ଜନସାଧାରଣ ଅତୀତରେ ଜନସ୍ୱାର୍ଥ ବିରୋଧୀ କ୍ଷେପଣାସ୍ତ୍ର ଘାଟିକୁ ଏଠାରୁ ହଟାଇ ଦେଇଥିବା ବେଳେ ବନ୍ଦରକୁ ହଟାଇବା ପାଇଁ ଚଉମୁଖବାସୀ ପ୍ରତିଜ୍ଞାବଦ୍ଧ ବୋଲି ସେମାନେ କହିଛନ୍ତି। ବନ୍ଦରକୁ କୌଣସି ପରିସ୍ଥିତିରେ ଏଠାରେ କରାଇ ଦିଆଯିବ ନାହିଁ ବୋଲି ସେମାନେ ଦୃଢତାର କହିବା ସହିତ ଦରକାର ପଡିଲେ ବନ୍ଦର ପାଇଁ ଆତ୍ମବଳି ଦେବାକୁ ପଛାଇବେ ନାହିଁ ବୋଲି ମଧ୍ୟ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଚଉମୁଖ ଅଞ୍ଚଳର ୨ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର ସମାଗମ ହୋଇଥିଲା। ଭିଟାମାଟି ସୁରକ୍ଷା କମିଟିର ସଭାପତି ଲକ୍ଷ୍ମୀକାନ୍ତ ଖଟୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କମିଟିର କାଳିଚରଣ ଚୌଧୁରୀ, ବେଣୁଧର ରଣଜିତ୍, ଦୁର୍ଜୟ ସାହୁ, ସରପଞ୍ଚ ନାରାୟଣ ଖଟୁଆ, ରମଣୀକାନ୍ତ ମଣ୍ଡଳ, ଜଳଧର ରାଜ, ନଳୀନକାନ୍ତ ଜେନା, ବଳରାମ ଜେନା, ସାର୍ଥକ ମଣ୍ଡଳ, ସୁଶାନ୍ତ ପାଢୀ, ଅମର ମିଶ୍ର, ତୀର୍ଥ ନାଗ, ବିଜୟ ବାଗ, ପୁରୁଷୋତ୍ତମ ସେଠୀ ଓ ଶ୍ରବଣ ମଣ୍ଡଳ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ।



ସମାବେଶରେ ଉପସ୍ଥିତ ସ୍ଥାନୀୟ ବାସିନ୍ଦା।

# ବର୍ଜ୍ୟବସ୍ତୁରେ କଳାକୃତି

**ବାଲେଶ୍ୱର ଅଫିସ, ୨୮।୯**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପାନ୍ଥନିବାସ ପରିସରରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ତରଫରୁ ବିଶ୍ୱ ପର୍ଯ୍ୟଟନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଯୁବ ବିକାଶ ଅନୁଷ୍ଠାନ ସହାୟତାରେ ଶିଳ୍ପୀ କେଶୁଦାସଙ୍କ ନେତୃତ୍ୱରେ ଚାନ୍ଦିପୁରରେ 'ୱେଷ୍ଟ ଇନ୍‌ଷ୍ଟାଲେସନ ଆର୍ଟ' କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରର ୧୫ଜଣ ଯୁବଶିଳ୍ପୀ ଚାନ୍ଦିପୁର ବେଳାଭୂମିର ଆଖପାଖରେ ତଥା ପାନ୍ଥନିବାସ ପରିସରରେ ପଡ଼ି ରହିଥିବା ବର୍ଜ୍ୟବସ୍ତୁକୁ ନେଇ ସୁନ୍ଦର କଳାକୃତି ଗଢ଼ି ତୋଳିଥିଲେ।

ଅରୁଣ ବାରିକ, ପଦ୍ମନାଭ ରାୟ ଓ ଗିରିଶ ପାକଳ ଅପରିଷ୍କାର କାନ୍ଥରେ ବିଶାଳ ଏକ ହର୍ସୁ ସୁନ୍ଦରୀ ଆଙ୍କି ଦର୍ଶକଙ୍କ ମନ ଆକର୍ଷଣ କରିଥିବା ବେଳେ ପଥର ଶିଳ୍ପୀ ଦୀପକ ଦାସ ଓ ଗଙ୍ଗାଧର ସେଠୀ ବିକ୍ଷିପ୍ତ ହୋଇ ବେଳାଭୂମିରେ ପଡ଼ିଥିବା ପଥରକୁ ସଜାଇ ମାଛ, କଇଁଛ, କଙ୍କଡ଼ା ଆଦି ଗଢ଼ିଥିଲେ। ଦେବାଶିଷ ପତି, ପ୍ରବୀର ଜେନା ଓ ସାଥୀମାନେ ଅସଜଡ଼ା, ଭଙ୍ଗା ଟିଣ ଆଜବେଷ୍ଟକୁ ନେଇ ୮ ଫୁଟ ଉଚ୍ଚ ଓ ୧୫ ଫୁଟ ଲମ୍ବର ବିଶାଳ ମାଛ ତିଆରି କରି ଅପରିତ୍ୟକ୍ତ ଜାଗାକୁ ସୁଦୃଶ୍ୟ କରିଥିଲେ। ଆଦିତ୍ୟ ଉପାଧ୍ୟାୟ ଓ ଜିତେଶ୍ ବିଶ୍ୱାଳ ମିଶି ଭଙ୍ଗା ଷ୍ଟାଣ୍ଡ ଫ୍ୟାନ୍, ଟିଣ, ଲୁହା ରଡ଼କୁ ନେଇ ସୁନ୍ଦର ଏକ କଙ୍କି ତିଆରି କରିଥିଲେ। ସୁଶୀଲ କୁମାର କେସରୀ ଓ ସାଥିମାନେ ଭଙ୍ଗା ପ୍ଲାଷ୍ଟିକ ଚେୟାର ଓ କାଚ ବୋତଲକୁ ନେଇ ୧୫ ଫୁଟ ଲମ୍ବା ଏକ ଅଜବ ଜୀବ ତିଆରି କରିଥିବା ବେଳେ ମରୁତ ରାଉତ ଓ କବିତା ଦତ୍ତ କାଠ ଓ ପଥରରେ ଆଧୁନିକ ଭାସ୍କର୍ଯ୍ୟ ଗଢ଼ିଥିଲେ। କାର୍ଯ୍ୟକ୍ରମକୁ ଜିଲା ପର୍ଯ୍ୟଟନ ଅଧିକାରୀ ଶଶାଙ୍କ ଶେଖର ରଥ, ପାନ୍ଥନିବାସ ମ୍ୟାନେଜର ଏସ୍. ସ୍ୱାଇଁ ଓ ଯୁବ ବିକାଶର ନିର୍ଦ୍ଦେଶକ ଗୋବିନ୍ଦ ଦଳାଇ ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ। ପର୍ଯ୍ୟଟକମାନେ ଏହାକୁ ଦେଖି ପ୍ରଶଂସା କରିଥିଲେ।



ବର୍ଜ୍ୟବସ୍ତୁରୁ ସୁନ୍ଦର କଳାକୃତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ରେଳରୋକୋ ଡାକରା ପରେ ଚେତା ପଶିଲା

# ତ୍ରିପାକ୍ଷିକ ଆଲୋଚନାରେ ମିଳିଲା ପ୍ରତିଶ୍ରୁତି

**ବାଲେଶ୍ୱର ଅଫିସ, ୨୮।୯**

ବାଲେଶ୍ୱରସ୍ଥିତ ବାମପଦା ସୁରକ୍ଷା ମଞ୍ଚ ତରଫରୁ ରେଳରୋକୋ ପାଇଁ ଦିଆଯାଇଥିବା ଚେତାବନୀ ପ୍ରତ୍ୟାହାର କରି ନିଆଯାଇଛି। ଶୁକ୍ରବାର ପୂର୍ବାହ୍ନରେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଏକ ଏକ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ରେଳ କର୍ତ୍ତୃପକ୍ଷ, ସୁରକ୍ଷା ମଞ୍ଚ କର୍ମକର୍ତ୍ତାଙ୍କୁ ନେଇ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା।

ବାମପଦା ସୁରକ୍ଷା ମଞ୍ଚ ତରଫରୁ ୪ଟି ଦାବି ଅଙ୍ଗାରଗଡ଼ିଆସ୍ଥିତ ଏଲ.ସି. ୮୦ ଠାରେ ବହୁ ବର୍ଷ ଧରି ରେଳ ଓଭରବ୍ରିଜ ନିର୍ମାଣ, ପଲାସା-ଭଦ୍ରକ ଟ୍ରେନ ନମ୍ବର ୭୮୪୦୭ ଏବଂ ୭୮୪୦୮ ରୂପସା ଯାଏ ସମ୍ପ୍ରସାରଣ, ରେଳ ର୍ୟାକ ସାଇଡିଂକୁ ବାମପଦା କିମ୍ବା ସୋମନାଥପୁରକୁ ସ୍ଥାନାନ୍ତର, ହାୱଡ଼ା-ଜଳେଶ୍ୱର ମେମୋ ଟ୍ରେନକୁ ବାଲେଶ୍ୱର ଯାଏ ସମ୍ପ୍ରସାରଣ ଆଦି ଉପସ୍ଥାପନ କରାଯାଇଥିଲା। ଓଭରବ୍ରିଜ ବ୍ୟତୀତ ଅନ୍ୟାନ୍ୟ ଦାବି ପୂରଣ ହେବାରେ କୌଣସି ପ୍ରତିବନ୍ଧକ ନ ଥିବା ଦର୍ଶାଇ ଜିଲାପାଳ ଟ୍ରେନଗୁଡ଼ିକର ସମ୍ପ୍ରସାରଣ ନିମନ୍ତେ ନଭେମ୍ବର ୧୪ ତାରିଖ ମଧ୍ୟରେ ପଦକ୍ଷେପ ନେବାକୁ ରେଳବାଇକୁ ଅନୁରୋଧ କରିବେ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଖଡ଼ଗପୁର ଡିସିଏମ୍ ଦିନେଶ କୁମାର ଗଣ୍ଡ, ମନୀଷ କୁମାର ଆଦେନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ, ସହକାରୀ ଜିଲାପାଳ ମନୋଜ କୁମାର ସେନାପତି, ଭାରପ୍ରାପ୍ତ ସଦର ତହସିଲଦାର ଅନୁଜା ତାରିଣୀ ମିଶ୍ର, ରେମୁଣା ଅତିରିକ୍ତ ତହସିଲଦାର ଅନିନ୍ଦିତା ଆଚାର୍ଯ୍ୟ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ସରୋଜ କୁମାର ଦଣ୍ଡପାଟ, ୩୭ ନମ୍ବର ଜିଲାପରିଷଦ ସଭ୍ୟ ସୀତାରାମ ପ୍ରଧାନ, ୩୯ ନମ୍ବର ଜିଲାପରିଷଦ ସଭ୍ୟ ବିପିନ ମାରାଣ୍ଡି, ବାମପଦା ସୁରକ୍ଷା ମଞ୍ଚର ସମ୍ପାଦକ ଅନନ୍ୟ କୁମାର ପଟ୍ଟନାୟକ, ଉପଦେଷ୍ଟା ରବି ରାଉତ, ଦିଲୀପ କୁମାର ନାୟକ ଉପସ୍ଥିତ ଥିଲେ।



ତ୍ରିପାକ୍ଷିକ ଆଲୋଚନାରେ ଜିଲାପାଳ, ରେଳ ମନ୍ତ୍ରଣାଳୟ ଅଧିକାରୀ ଓ ବାମପଦା ସୁରକ୍ଷା ମଞ୍ଚର କର୍ମକର୍ତ୍ତା।

## ସଂକ୍ଷେପରେ

### ଶିଶୁ ମହୋତ୍ସବ ସୁରଭି



ରେମୁଣା, ୨୮।୯(ଡି.ଏନ.ଏ.): ରେମୁଣା ବ୍ଲକ ଛଣପୁର ଆଞ୍ଚଳିକ ସାଧନା କେନ୍ଦ୍ର ତରଫରୁ ଶିଶୁ ମହୋତ୍ସବ ସୁରଭି-୨୦୧୮ କୁରୁଡ଼ା ପ୍ରାଥମିକ ବିଦ୍ୟାଳୟ ଏବଂ ପରମେଶ୍ୱର ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କର ଅନ୍ତର୍ନିହିତ ଗୁଣାବଳୀକୁ ବିକଶିତ କରିବା ପାଇଁ ଶିକ୍ଷା ବିଭାଗର ଏକ ଅଭିନବ ଉପାୟ ଏହି ଆଞ୍ଚଳିକ ସାଧନା କେନ୍ଦ୍ରରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଏବଂ ସ୍କୁଲର ପରିଚାଳନା କମିଟିର ସଦସ୍ୟାସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ରେମୁଣା ଗୋଷ୍ଠୀ ଶିକ୍ଷାଧିକାରୀ ଅଚ୍ୟୁତାନନ୍ଦ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଏବିଇଓ ଓ ବିଆର୍‌ସିସି ମୂରଲୀଧର ଦାସ, ସରପଞ୍ଚ ବାସନ୍ତ ଗିରି, ଜନତା ହାଇସ୍କୁଲର ପ୍ରଧାନଶିକ୍ଷକ ଓ ସିଆର୍‌ସିସି ବିଶ୍ୱନାଥ ପ୍ରଧାନ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସୁରଭି-୨୦୧୮ର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ସଭାରେ ଛଣପୁର କ୍ଲଷ୍ଟରରେ ୧୫ଟି ପ୍ରାଥମିକ, ଉଚ୍ଚପ୍ରାଥମିକ, ମାଧମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଯୋଗଦେଇ ସୁରଭି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାଲିଆପାଳ, ୨୮।୯(ଡି.ଏନ.ଏ.): ବାଲିଆପାଳ ବ୍ଲକ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ ଅନୁଷ୍ଠିତ ଶିବିରକୁ ବିଡିଓ ମିନତୀ ଜଗଦେବ ଉଦ୍‌ଘାଟନ କରିଥିଲେ। ଶିବିରକୁ ୨୦୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଆସିଥିଲେ ମଧ ସେମାନଙ୍କ ମଧ୍ୟରୁ ୧୧୪୭ଜଣଙ୍କୁ ପରୀକ୍ଷା କରାଯାଇଥିଲା। ମାନସିକ ଅନଗ୍ରସର ୨୧୪, ଇଏନ୍‌ଟି ବିଭାଗର ୩୨୮ଜଣ, ଦୃଷ୍ଟିହୀନ ୧୯୬ଜଣ ଓ ଶାରିରୀକ ବିକଳାଙ୍ଗ ମୋଟ ୪୦୯ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଡକ୍ଟର ଏ.କେ. ଦାସ, ବି.ପି ସାମଲ, ଦେବବ୍ରତ ଜେନା, ପି.ପି.ମହାପାତ୍ର, ଭାରତୀ ଦାସ, ସ୍ୱତନ୍ତ୍ର ପ୍ରଶିକ୍ଷିକା ଏମ.ଆର.ସି.ପି ପ୍ରମୁଖ ଯୋଗ ଦେଇଥିଲେ। ସକାଳରୁ ବିଭିନ୍ନ ପଞ୍ଚାୟତର ଭିନ୍ନକ୍ଷମମାନେ ଆସି ସେମାନଙ୍କର ନାମ ପଞ୍ଜିକରଣ କରିଥିଲେ। ପରୀକ୍ଷା ପାଇଁ ୫ଟି କେନ୍ଦ୍ର ଖୋଲାଯାଇଥିଲା।

### ପେଯଗଳା ସେତୁ ନିମ୍ନମାନର କାର୍ଯ୍ୟ ଯୋଗୁ ଉତ୍ତେଜନା



ବସ୍ତା,୨୮।୯(ସ୍ୱ.ପ୍ର.): ବସ୍ତା-ବାଲିଆପାଳ ରାସ୍ତାର ପେଯଗଳା ଚଟାଣରେ ବହୁ ପ୍ରତିକ୍ଷୀତ ସେତୁର ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ସଡ଼କର କୁଡିଆଠାରୁ ଦରଡ଼ା ପର୍ଯ୍ୟନ୍ତ ୩.୫କିମି.ର ପେଯଗଳା ସେତୁ ଆସନ୍ତା ନଭେମ୍ବର ୧୦ ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏକ ଠିକା ସଂସ୍ଥା ଏହି ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଏଥିପାଇଁ ବ୍ୟୟ ଅଟକଳ ୪୫କୋଟି ୧୧ଲକ୍ଷ ୬୮ହଜାର ହୋଇଥିବା ବେଳେ ଆନୁଷଙ୍ଗିକ ନିର୍ମାଣକୁ ମିଶାଇ ପାଖାପାଖି ୫୦କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ତେବେ ଏହି କାର୍ଯ୍ୟରେ ଉନ୍ନତମାନର ସିମେଣ୍ଟ, ରଡ଼ ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହୃତ ହେଉ ନ ଥିବା ଅଭିଯୋଗ ହୋଇଥିଲା। କିଛିଦିନ ପୂର୍ବରୁ ବନ୍ୟା ଯୋଗୁ ନିର୍ମାଣାଧୀନ ପ୍ରକଳ୍ପରେ ପଟୁ ଆସ୍ତରଣକୁ ଭଲ ଭାବେ ନ ଧୋଇ ତାହାର ଉପରେ ଢ଼ଳେଇ ଓ ଅନ୍ୟାନ୍ୟ କାମ କରି ଦିଆଯାଉଥିବା ଓ ନିର୍ମାଣ ସରିଥିବା ପୋଲ ଛାତରୁ ପାଣି ଗଳିବାରୁ ସ୍ଥାନୀୟ ବାସିନ୍ଦା କାମକୁ ତୀବ୍ର ବିରୋଧ କରିଥିଲେ। କେତେକ ଯୁବକ କାମ ମଧ ବନ୍ଦ କରିଦେଇଥିଲେ। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଶିକ୍ଷାନୁଷ୍ଠାନରେ ଛାତ୍ରଙ୍କୁ ମାଡ଼

ବାହାନଗା,୨୮।୯(ଡି.ଏନ.ଏ.)



- ସ୍କୁଲ ଫାଟକରେ ତାଲା ପକାଇ ଗ୍ରାମବାସୀଙ୍କ ଧାରଣା
- ବ୍ଲକ ଶିକ୍ଷାଧିକାରୀ ପହଞ୍ଚି ତଦନ୍ତ କଲେ
- କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର

ଶିକ୍ଷାନୁଷ୍ଠାନକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ସତ୍ତ୍ୱେ ଛାତ୍ରଙ୍କୁ ମାଡ ମାରି ନିର୍ଯାତନା ଦେବା ଭଳି ଘଟଣା ବାରମ୍ବାର ପଦାକୁ ଆସୁଛି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚକଜଗନ୍ନାଥପୁର ପଞ୍ଚାୟତ ନାଚିନ୍ଧା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଗଣିତ ପଢାଇବା ବେଳେ ଜଣେ ଛାତ୍ରଙ୍କୁ ଗୁରୁବାର ମାଡ ମରାଯିବା ଘଟଣା ନେଇ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀ ଓ ଅଭିଭାବକ ଏହାର ପ୍ରତିବାଦରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଖବରପାଇ ବିଇଓ ଶୁଭଲକ୍ଷ୍ମୀ ନାୟକ ଆସି ପହଞ୍ଚିଥିଲେ। ଘଟଣାର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେବାରୁ ଦୀର୍ଘ ଦେଢଘଣ୍ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଏହି ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଯାଉଛି। ୫ଟି ଶ୍ରେଣୀ ପାଇଁ ୨ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଅଛନ୍ତି। ଆବଶ୍ୟକ ଶିକ୍ଷକ ଅଭାବ ଓ ମଧାହ୍ନଭୋଜନ ପରିଚାଳନାରେ ଅବ୍ୟବସ୍ଥା ନେଇ ଅଞ୍ଚଳବାସୀ ଶିକ୍ଷାବିଭାଗ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଛନ୍ତି। ଅବ୍ୟବସ୍ଥା ଜାରି ରହିଥିବାରୁ ଅନେକ ଅଭିଭାବକ ନିଜ ପିଲାଙ୍କୁ ବିଦ୍ୟାଳୟରେ ପାଠ ପଢାଇବାକୁ ଆଗ୍ରହ ରଖୁନାହାନ୍ତି। ବର୍ତ୍ତମାନ ମାତ୍ର ୨୩ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଦୀର୍ଘ ୧ ବର୍ଷ ଧରି ପିଲାଙ୍କୁ ମଧାହ୍ନ ଭୋଜନ ଦିଆ ନ ଯାଇ ବିସ୍କୁଟରେ କାମ ଚଳାଇ ନିଆଯାଉଛି। ଗତ ୨୩ ତାରିଖରେ ଗ୍ରାମବାସୀ ବାହାନଗା ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଏନେଇ ଲିଖିତ ଅଭିଯୋଗ କରିଥିଲେ। ଯେଉଁ ପିଲାଙ୍କ ଅଭିଭାବକମାନେ ଅଭିଯୋଗପତ୍ରରେ ଦସ୍ତଖତ କରିଥିଲେ ସେମାନଙ୍କର ପିଲାଙ୍କୁ ମାଡ ମାରିବା ଭଳି ନିର୍ଯାତନା ଦିଆଯାଇ ହଇରାଣ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୁରୁବାର ଜଣେ ୨ୟ ଶ୍ରେଣୀ ଛାତ୍ରଙ୍କୁ ଏକ ବାଡିରେ ପିଟାଯିବାରୁ ତାଙ୍କ ଦେହ, ହାତ, ଗୋଡ଼ ଓ ଜଙ୍ଘରେ ନୋଳା ବସିଯାଇଥିଲା। ରାତିରେ ଛାତ୍ରଙ୍କୁ ଜ୍ୱର ଆସିବାରୁ ପରିବାର ଲୋକ ପଚାରି ସବୁକଥା ଜାଣି ତାଙ୍କୁ ନେଇ ଖନ୍ତପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ୫ ଦିନ ପୂର୍ବରୁ ଅନ୍ୟ ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ଏଭଳି ନିସ୍ତୁକ ମାଡ ମରାଯାଇଥିବା ଅଭିଯୋଗ ହୋଇଥିଲା। ଗୁରୁବାର ଘଟଣା ପଦାକୁ ଆସିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ବିଦ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମର ୱାର୍ଡ ସଭ୍ୟ କୃତିବାସ ରାଉତ,ମନୋରଞ୍ଜନ ନାୟକଙ୍କ ନେତୃତ୍ୱରେ ଦିନବନ୍ଧୁ ରାଉତ, ଗଜେନ୍ଦ୍ର ମଲିକ, ଟୁନା ଦାସ, ସଙ୍କର୍ଷଣ ଦାସ, ବାବୁ ମହାକୁଡ, ପ୍ରଭାକର ରାଉତ ପ୍ରମୁଖ ୩୦ରୁ ଅଧିକ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ନାୟକ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ନିସ୍ତୁକ ମାଡ ନୁହେଁ କେବଳ ଦୁଇ ପାହାର ପିଟାଯାଇଛି ବୋଲି ଶିକ୍ଷକଙ୍କ ପକ୍ଷରୁ ସଫେଇ ଦିଆଯାଇଛି।



ଡୁଙ୍ଗରାରେ ବିଜେଡିର ମିଶ୍ରଣ ପର୍ବରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ବିଜେଡିରେ ମିଶିଲେ ବିଭିନ୍ନ ଦଳର କର୍ମୀ

ଖଇରା, ୨୮।୯(ଡି.ଏନ.ଏ.)

ଖଇରା ବ୍ଲକ ଅଧିନ ଡୁଙ୍ଗୁରା ପଞ୍ଚାୟତର ବିଭିନ୍ନ ଦଳର କର୍ମୀ ବିଧାୟକ ଜ୍ୟୋତି ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦାନ କରିଛନ୍ତି। ଗୁରୁବାର ଅପରାହ୍ନରେ ସ୍ଥାନୀୟ ଦୁର୍ଗାମଣ୍ଡପରେ ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି ସଭାପତିତ୍ୱ କରିଥିଲେ। ବିଧାୟକ ପାଣିଗ୍ରାହୀଙ୍କ ସମେତ ପୂର୍ବତନ ସରପଞ୍ଚ ପାଗଳ ପଲେଇ, ସମିତିସଭ୍ୟ ପ୍ରକାଶ କୁମାର ଲେଙ୍କା, ବରିଷ୍ଠ ନେତା ବଟକୃଷ୍ଣ ପଣ୍ଡା, ନାରୀନେତ୍ରୀ ସୁମିତ୍ରା ମହାପାତ୍ର ପ୍ରମୁଖ ଯୋଗଦେଇ ବିଜେଡି ଭାଷଣ ବାଜିରେ ନୁହେଁ କାମରେ ବିଶ୍ୱାସ କରେ ବୋଲି କହିଥିଲେ। ପୁଣିଥରେ ନବୀନ ପଟ୍ଟନାୟକଙ୍କୁ ଶାସନଭାର ଦେବାକୁ ଉପସ୍ଥିତ କର୍ମୀଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଭାଜପା କର୍ମୀ କୈଳାସ ମହାପାତ୍ର ଓ ଯୁଧିଷ୍ଠିର ପଣ୍ଡା, କଂଗ୍ରେସ କର୍ମୀ ବସନ୍ତ ପଲେଇ ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ।




ଭୋଗରାଇ ଥାନା ସମ୍ମୁଖରେ ମହିଳାମାନେ ବିକ୍ଷୋଭ କରୁଛନ୍ତି।

# ଥାନା ଆଗରେ ମହିଳାଙ୍କ ବିକ୍ଷୋଭ

ଭୋଗରାଇ,୨୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଗୋଛିଦା ତେଘରି ଗ୍ରାମର ଜଗନ୍ନାଥ ଦାସ ଅଧିକାରୀଙ୍କ ସ୍ତ୍ରୀ ସୁମିତାଙ୍କ ମୃତ୍ୟୁ ଏବେ ବି ରହସ୍ୟଘେରରେ ରହିଛି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ମହିଳାମାନେ ଶୁକ୍ରବାର ଭୋଗରାଇ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଗତ ୨୦ ତାରିଖରେ ଜଗନ୍ନାଥଙ୍କ ସ୍ତ୍ରୀ ସୁମିତା ନିଆଁରେ ପୋଡ଼ି ଯାଇଥିବା ବେଳେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହେବା ପରେ ମଙ୍ଗଳାବାଗ ଥାନାରେ ଏକ ମାମଲା (ନଂ.୧୬୧/୧୮) ରୁଜୁ କରାଯାଇଛି। ସୁମିତାଙ୍କୁ ତାଙ୍କ ଶ୍ୱଶୁରଘର ଲୋକେ ଚକ୍ରାନ୍ତ କରି ଏକ ପାଇଖାନାକୁଣ୍ଡରେ ପୂରାଇ କିରୋସିନ ଢ଼ାଳି ନିଆଁ ଲଗାଇ ଦିଆଯାଇଛି ବୋଲି ତାଙ୍କ ବାପା ଭୋଗରାଇ ଥାନାରେ ଏତଲା ଦେଇଛନ୍ତି। ଏହାର ୮ ଦିନ ବିତିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ନାରୀନେତ୍ରୀ ରାଜଶ୍ରୀ କାମିଳାଙ୍କ ନେତୃତ୍ୱରେ ଶତାଧିକ ମହିଳା ଭୋଗରାଇ ଥାନା ସମ୍ମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ କରିଥିଲେ। ବଧୂହତ୍ୟାକାରୀଙ୍କୁ ଅବିଳମ୍ବେ ଗିରଫ ନ କଲେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ପରେ ମହିଳାଙ୍କର ଏକ ପ୍ରତିନିଧିମଣ୍ଡଳୀ ଭୋଗରାଇ ଆଇଆଇସି ନରେନ୍ଦ୍ର କୁମାର ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଇଆଇସି ଖୁବ୍‌ଶୀଘ୍ର ଆସାମୀଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ପାରିବାରିକ କଳହରୁ ମହିଳାଙ୍କୁ ମାଡ଼

ବାଲିଆପାଳ, ୨୮।୯(ଡି.ଏନ.ଏ.)

ବାଲିଆପାଳ ଥାନା ଅନ୍ତର୍ଗତ ତଳଧାନନ୍ଦା ଗ୍ରାମରେ ପାରିବାରିକ କଳହକୁ ନେଇ ଦେଢ଼ଶୂର ତାଙ୍କ ଭାଇବୋହୂଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ବାଲିଆପାଳ ଥାନାରେ କେସ୍ ନଂ. ୨୫୭/୧୮ରେ ଏକ ମାମଲା ରୁଜୁ ହୋଇଛି।

ତଳଧନ୍ଦା ଗ୍ରାମର ବିଦ୍ୟାଧର ଯତୀଙ୍କର ସ୍ତ୍ରୀ ଶାନ୍ତିଲତାଙ୍କ ସହିତ ଦେଢ଼ଶୂର ସୃଷ୍ଟିଧର ଯତୀ, ହରେନ୍ଦ୍ର ଯତୀଙ୍କ ମଧ୍ୟରେ ଗଣ୍ଡଗୋଳ ଥିଲା। ଗୁରୁବାର ଶାନ୍ତିଲତା ନିଜ ବାପଘର ଆସିବା ପରେ ପୂର୍ବର କିଛି କଥାକୁ ନେଇ ଦେଢ଼ଶୂର ସୃଷ୍ଟିଧର ଏବଂ ହରେନ୍ଦ୍ରଙ୍କ ସହିତ ଶାନ୍ତିଲତାଙ୍କ ଉଚ୍ଚବାଚ ହୋଇଥିଲା।ସେମାନେ ଶାନ୍ତିଲତାଙ୍କୁ ମାଡ ମାରିଥିଲେ। ଆହତ ଶାନ୍ତିଲତାଙ୍କଠାରୁ ଖବର ପାଇ ତାଙ୍କ ବାପା ଆସି ଶାନ୍ତିଲତାଙ୍କୁ ବାଲିଆପାଳ ସିଏଚସିରେ ଚିକିତ୍ସା କରାଇଛନ୍ତି।

■ ଲୁଟେରାଙ୍କ କବ୍‌ଜାରେ ନୀଳଗିରି-ଉଦଳା ରାସ୍ତା

# ବନ୍ଧୁକ ଦେଖାଇ ଟଙ୍କା ଲୁଟ୍

ନୀଳଗିରି, ୨୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି-ଉଦଳା ରାସ୍ତାର ଭାଲୁକାଶୁଣି ନିକଟରେ ୬ଜଣ ଦୁର୍ବୃତ୍ତ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଗୁରୁବାର ସନ୍ଧ୍ୟାରେ ବନ୍ଧୁକ ଦେଖାଇ ୩ଶହ ଟଙ୍କା,୨ଟି ମୋବାଇଲ ଫୋନ ସମେତ ପରିଚୟପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ଆଦି ଲୁଟି ନେଇଛନ୍ତି। ଜିଲାରେ ବିଭିନ୍ନ ଅଞ୍ଚଳରେ ଗୋଟିକ ପରେ ଗୋଟିଏ ଏଭଳି ଲୁଟ୍ ଘଟୁଥିବାରୁ ଜନସାଧାରଣ ଆତଙ୍କିତ ହୋଇପଡିଛନ୍ତି। ଏକ ସଙ୍ଗଠିତ ଲୁଟେରା ଦଳ ଜିଲରେ ସକ୍ରିୟ ଥିବା ସନ୍ଦେହ କରାଯାଉଛି। ନୀଳଗିରି-ଉଦଳା ରାସ୍ତା ଏକପ୍ରକାର ଲୁଟେରାଙ୍କ କବ୍‌ଜାରେ ଥିବା ଲୋକେ ଅଭିଯୋଗ କରୁଛନ୍ତି। ପୋଲିସ ଲୁଟ୍ ଘଟଣାରେ ତନାଘନା କରି କାହାରି ଟେର୍ ପାଉ ନ ଥିବା ଚିନ୍ତାର କାରଣ ହୋଇଛି।

ଗୁରୁବାର ନୀଳଗିରି-ଉଦଳା ରାସ୍ତାରୁ ହୋଇଥିବା ଲୁଟ୍ ଘଟଣା ନେଇ ସ୍ଥାନୀୟ ପୋଲିସ ଏକ ମାମଲା (ନଂ.୨୨୬/୧୮) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ନଳିତା ମୋଦି କହିଛନ୍ତି। ଉଲ୍ଲେଖନୀୟ ଯେ, ଗୁରୁବାର ଅପରାହ୍ନରେ ସହର ଉପକଣ୍ଠ ଓଲଡଙ୍ଗସ୍ଥିତ ଆକ୍ସିସ ବ୍ୟାଙ୍କର ସେଲ୍ସ ଏକ୍‌ଜିକ୍ୟୁଟିଭ ପ୍ରକାଶ କୁମାର ମହାନ୍ତି ବ୍ୟାଙ୍କ କାମରେ ବରହମପୁର ଗାଁର ଜଣେ ଗ୍ରାହକଙ୍କ ଘରକୁ ଯାଇଥିଲେ। ସନ୍ଧ୍ୟାରେ ଏହି ଗ୍ରାହକଙ୍କୁ ନିଜ ବାଇକରେ ବସାଇ ଜଙ୍ଗଲ ରାସ୍ତା ଦେଇ ଅଫିସକୁ ଫେରୁଥିଲେ। ଭାଲୁକାଶୁଣି ନିକଟରେ ୩ଟି ବାଇକରେ ପଛପଟୁ ଆସିଥିବା ୬ ଦୁର୍ବୃତ୍ତ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରି ଲୁଟ୍‌ପାଟ କରିଥିଲେ। ପ୍ରକାଶ କୁମାରଙ୍କ ନିକଟରେ ଅଧିକ ଟଙ୍କା ନ ଥିବା ଜାଣି ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ନେଇ ଠେଲିଦେଇ ଫେରାର ହୋଇଯାଇଥିଲେ। ପରେ ପ୍ରକାଶ କୁମାର ଥାନାକୁ ଯାଇ ଏତଲା ଦେଇଥିଲେ।

# ବିଜେଡି, ଭାଜପା ପକ୍ଷରୁ ପୃଥକ ଭାବେ ବିକ୍ଷୋଭ

ସୋର, ୨୮।୯(ଡ଼ି.ଏନ୍‌.ଏ.)

ବିଜୁ କୃଷକ କଲ୍ୟାଣ କାର୍ଡ଼ ବଣ୍ଟନରେ ଅନିୟମିତତା ନେଇ ସୋର ବିଧାୟକ କୃଷି କାର୍ଯ୍ୟାଳୟରେ ଗତ ମଙ୍ଗଳବାର ସନ୍ଧ୍ୟାରେ ତାଲା ପକାଇବା ସହ ଜଣେ ଗଣମାଧମ ପ୍ରତିନିଧିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଶୁକ୍ରବାର ଭାଜପା ତରଫରୁ ସୋର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଭାଜପା କର୍ମୀମାନେ ଭାଜପା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସୋର ଥାନାରେ ପହଞ୍ଚିଥିଲେ। ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଏସ୍‌ଡ଼ିପିଓଙ୍କ ପ୍ରଭାସ ଚନ୍ଦ୍ର ପାଲଙ୍କ ଜରିଆରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭାଜପା ତରଫରୁ ରାକେଶ ମଲ୍ଲିକ, ନିରଞ୍ଜନ ଜେନା, ସଂଗ୍ରାମ ମହାପାତ୍ର, ଈଶ୍ୱର ବେହେରା, ମନୀଷା ଚିନ୍ମୟୀ ବେହେରା, ନଳିନୀକାନ୍ତ ମହାପାତ୍ର ପ୍ରମୁଖ ବହୁ ଭାଜପା କର୍ମୀ ଧାରଣାରେ ସାମିଲ ହୋଇଥିଲେ। ସେହିପରି ବିଜେଡ଼ି ତରଫରୁ ସୋର ଡ଼ାକବଙ୍ଗଳାଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସୋର ଥାନାରେ ପହଞ୍ଚିଥିଲା। ସେଠାରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜୁ କୃଷକ କାର୍ଡ଼ ବଣ୍ଟନରେ ଅନିୟମିତତା, ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଅନିୟମିତତା ସମ୍ପୃକ୍ତ କର୍ମଚାରୀଙ୍କୁ ବଦଳି ଓ ସମ୍ପୃକ୍ତ ଗଣମାଧମ ପ୍ରତିନିଧିଙ୍କୁ ଗିରଫ ଦାବି କରି ବିଭାଗୀୟ ଅଧିକାରୀ, ଜିଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏସ୍‌ଡ଼ିପିଓ ପ୍ରଭାସଚନ୍ଦ୍ର ପାଲଙ୍କ ପ୍ରଦାନ କରାଯାଇଥିଲା। ସୋର ଥାନା ଅଧିକାରୀ କ୍ଷମାସାଗର ପଣ୍ଡା ଉପସ୍ଥିତ ଥିଲେ। ବିଧାୟକ ପର୍ଶୁରାମ ଧଡ଼ା, ବ୍ଲକ ସଭାପତି କମଳାକାନ୍ତ ଘଡ଼େଇ ଓ ସୁକାନ୍ତ ମିଶ୍ର ପ୍ରମୁଖ ବହୁ ବିଜେଡ଼ି କର୍ମୀ ସାମିଲ ହୋଇଥିଲେ।



ବିଜେଡି ଓ ଭାଜପା ପକ୍ଷରୁ ପୃଥକ ଭାବେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

■ ଖଣିରେ ପଡ଼ି ଛାତ୍ରଙ୍କ ମୃତ୍ୟୁ ଘଟଣା

## ହତ୍ୟା ଅଭିଯୋଗ ଆଣିଲେ ମା’

ଖଇରା,୨୮।୯(ଡି.ଏନ.ଏ.)

ଖଇରା ଥାନା ଅଧୀନ ଗଡ଼ପୋଖରୀସ୍ଥିତ ପ୍ରକୃତି ବିଦ୍ୟାମନ୍ଦିର ୪ର୍ଥ ଶ୍ରେଣୀ ଛାତ୍ର କ୍ରିଷ୍ଣା ଦାସଙ୍କୁ ହତ୍ୟା କରାଯାଇଥିବା ନେଇ ମା’ ସସ୍ମିତା ଓ ବାପା ରମେଶ ଦାସ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖଇରା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୩୬/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସ୍କୁଲ କର୍ତ୍ତୃପକ୍ଷ, ପ୍ରଧାନଶିକ୍ଷକ, ହଷ୍ଟେଲ ପରିଚାଳକ ଚକ୍ରାନ୍ତ କରି ପୁଅକୁ ମାରି ପରିତ୍ୟକ୍ତ ଖଣିକୁ ଫୋପାଡ଼ି ଦେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ, କୁମ୍ଭକା ଗ୍ରାମର କ୍ରିଷ୍ଣା ବୁଧବାର ରାତିରୁ ନିଖୋଜ ଥିବା ବେଳେ ଗୁରୁବାର ଶବ ପରିତ୍ୟକ୍ତ ଖଣି ପାଣିରୁ ଉଦ୍ଧାର କରାଯାଇଥିଲା। ପରେ ମା’ ସସ୍ମିତା, ଅଭିଭାବକ, ଗ୍ରାମବାସୀ ମୃତଦେହକୁ ଧରି ରାତି ୨ଟା ପର୍ଯ୍ୟନ୍ତ ସ୍କୁଲ ଆଗରେ ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ସୋର ପଞ୍ଚାୟତ ସମିତି ବୈଠକ

ସୋର, ୨୮।୯(ଡ଼ି.ଏନ୍‌.ଏ.): ସୋର ପଞ୍ଚାୟତ ସମିତିର ବୈଠକ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଉନ୍ନୟନ ଅଧିକାରୀ ଚାର୍ଲସ୍ ନାୟକ ଅଧକ୍ଷତା କରିଥିଲେ। ପଞ୍ଚାୟତ ସମିତିର ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଗୋପବନ୍ଧୁ ଗ୍ରାମୀଣ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା, ବିକଳାଙ୍ଗ ବାର୍ଦ୍ଧକ୍ୟ ବିଧବା ଭତ୍ତା ଓ ସ୍ୱଚ୍ଛତା ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟନେଇ ନେଇ ସମୀକ୍ଷା କରାଯାଇଥିଲା। ଏଥିରେ ବ୍ଲକର ଅଧକ୍ଷା ଅତସୀ ମହାପାତ୍ର ୨୪ଟି ପଞ୍ଚାୟତରୁ ସରପଞ୍ଚ ସମିତିସଭ୍ୟା/ସଭ୍ୟ, ଗ୍ରାମୀଣ ରୋଜଗାର ସେବକ, କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ଗଣ୍ଡିବେଢ଼ ବଣିକ ସଂଘ ଗଠିତ

## ରାଜେଶ ସଭାପତି, ଅଭିମନ୍ୟୁ ସମ୍ପାଦକ

ଖଇରା,୨୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ଗଣ୍ଡିବେଡ ବଜାର ଏକ ପ୍ରମୁଖ ବାଣିଜ୍ୟିକ ଓ ସାଂସ୍କୃତିକ ପୀଠସ୍ଥଳୀ ଭାବେ ପରିଚିତ। ବିକାଶ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ପରିମଳ ସୁରକ୍ଷା ଲାଗି ବଣିକମାନେ ସଂଗଠିତ ହୋଇ ‘ଗଣ୍ଡିବେଡ ବଣିକ ସଂଘ’ ଗଠନ କରିଛନ୍ତି। ଚଳିତବର୍ଷଠାରୁ ବଜାରରେ ସାର୍ବଜନୀନ କାଳୀପୂଜା ଆୟୋଜନ ଲାଗି ନିଷ୍ପତ୍ତି ନିଆଯାଇଛି। ବୁଧବାର ଅନୁଷ୍ଠିତ ବୈଠକରେ ୩୦ରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ରହି ବଜାରକୁ ସ୍ୱଚ୍ଛ ସୁନ୍ଦର ରଖିବା ଲାଗି ଆଲୋଚନା କରିଥିଲେ। କାର୍ଯ୍ୟ ସୁପରିଚାଳନା ନିମନ୍ତେ କମିଟି ଗଢାଯାଇଥିଲା। ଏସ୍‌ଆର ଗ୍ରୁପ ଅଧକ୍ଷ ଇଂ. ରାଜେଶ ମହାକୁଡ ସଭାପତି, ଅଭିମନ୍ୟୁ ରାଉଳ ସମ୍ପାଦକ, ରମାକାନ୍ତ ରାଉଳ ଉପସଭାପତି, ପୁରସ୍ତମ ମହାନ୍ତି ସହସମ୍ପାଦକ, ମନୋରଞ୍ଜନ ମହାନ୍ତି ସଂଯୋଜକ ଏବଂ ପ୍ରତାପ ଗିରି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏହାଛଡା କୃଷ୍ଣଚନ୍ଦ୍ର ସାହୁ, ଅଭୟ ମହାନ୍ତି, ପଦ୍ମଲୋଚନ ଜେନା, ବାବାଜୀ ମହାନ୍ତି, ଅଭୟ ମହାରଣା ପ୍ରମୁଖଙ୍କୁ ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି।



ବୈଠକରେ ଉପସ୍ଥିତ ବଣିକ ସଂଘର କର୍ମକର୍ତ୍ତା।

# ପଶ୍ଚିମବଙ୍ଗ ନକଲି ଡାକ୍ତର ଏବେ ଓଡ଼ିଶାମୁହାଁ

ପ୍ରଦୀପ ଦାସ
ଭୋଗରାଇ, ୨୮।୯

- ବିନା ଲାଇସେନ୍ସରେ ଚାଲୁଛି ନର୍ସିଂହୋମ୍
- ଶୋଷଣର ଶିକାର ହେଉଛନ୍ତି ଗରିବ ରୋଗୀ
- ପ୍ରଶାସନ ଜାଣି ଅଜଣା

ସ୍ୱାସ୍ଥ୍ୟସେବା ଅପହଞ୍ଚ ଇଲାକାରେ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ କେତେକ ବ୍ୟକ୍ତି ରୋଗୀଙ୍କୁ ଚିକିତ୍ସାସେବା ଯୋଗାଇ ସେମାନଙ୍କୁ ଲୁଟୁଛନ୍ତି। ନକଲି ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଅନେକ ରୋଗୀ ଅକାଳରେ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲାରେ ଥିବା ଚିକିତ୍ସାଳୟଗୁଡ଼ିକରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀ ଓ ଭିତ୍ତିଭୂମି ଅଭାବ ଲାଗି ରହିଥିବାରୁ ରାଜ୍ୟ ବାହାରୁ ଆସୁଥିବା କେତେକ ନକଲି ଡାକ୍ତର ଏଥିରୁ ମୁନାଫା ଉଠାଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସବୁକଥା ଜାଣୁଥିଲେ ମଧ ଚଢାଉ ନ କରି ନୀରବ ରହି ଆସୁଛି। ଏଭଳି ସ୍ଥିତିରେ ବିନା ଲାଇସେନ୍ସରେ ନର୍ସିଂହୋମ ଭଳି ବିଭିନ୍ନ ବେଆଇନ ଚିକିତ୍ସା କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ପଡୋଶୀ ପଶ୍ଚିମବଙ୍ଗ ସରକାର ନକଲି ଡାକ୍ତର ଏବଂ ଅବୈଧ ଭାବେ ଗଢ଼ିଉଠିଥିବା ନର୍ସିଂହୋମ୍‌ଗୁଡ଼ିକୁ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେଉଥିବାରୁ ଅନେକ ନକଲି ଡାକ୍ତର ଓଡ଼ିଶା ମୁହାଁ ହୋଇଥିବା ସୂଚନା ମିଳୁଛି।

ପଶ୍ଚିମବଙ୍ଗ ସୀମାକୁ ଲାଗିଥିବା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର କେତେକ ଅଞ୍ଚଳକୁ ନିରାପଦ ସ୍ଥାନ ମନେ କରି ନକଲି ଡାକ୍ତରମାନେ କେତେକ ନର୍ସିଂହୋମ୍ ଓ ଚାମ୍ବର ଖୋଲି ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଚାମ୍ବର ସମ୍ମୁଖରେ ବିଶେଷଜ୍ଞ ଡାକ୍ତର ବୋଲି ବଡ଼ ବଡ଼ ସାଇନବୋର୍ଡ ଲଗାଯାଇ ରୋଗୀମାନଙ୍କୁ ଆକର୍ଷିତ କରାଯାଉଛି। ଏକ ସୂତ୍ର ଅନୁଯାୟୀ ବାଲେଶ୍ୱର ଜିଲାରେ ଭୋଗରାଇରେ ୩ଟି ଅବୈଧ ନର୍ସିଂହୋମ୍ ଚାଲିଥିବା ବେଳେ ଜଳେଶ୍ୱରରେ ୮, ବାଲିଆପାଳରେ ୫ ଓ ବସ୍ତା ଅଞ୍ଚଳରେ ୪ଟି ନର୍ସିଂହୋମ୍ ବେଆଇନ ଭାବେ ଚାଲୁ ରହିଛି। ନିକଟରେ ଭୋଗରାଇ ନଗୁଆଁ ଛକସ୍ଥିତ ଏକ ନର୍ସିଂହୋମ୍‌କୁ ପଶ୍ଚିମବଙ୍ଗ ଏଗ୍ରା ଅଞ୍ଚଳର ଜଣେ ମହିଳାଙ୍କୁ ଗର୍ଭପାତ କରାଇବା ସକାଶେ ଏଠାକୁ ଅଣାଯାଇଥିଲା। ନକଲି ଡାକ୍ତର ଏହି ମହିଳାଙ୍କ ପ୍ରତି ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ନେଇ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରି ତଦନ୍ତ ଦାବି କରିଥିଲେ। କେବଳ ଭୋଗରାଇରେ ନୁହେଁ ବାଲେଶ୍ୱର ଜିଲାରେ ଏଭଳି ଏକାଧିକ ଘଟଣା ବିଭିନ୍ନ ସମୟରେ ପଦାକୁ ଆସୁଛି। ଏ ସମ୍ପର୍କରେ ସିଡ଼ିଏମ୍‌ଓ ବିବେକାନନ୍ଦ ଦାସଙ୍କୁ ପଚାରିବାରୁ କହିଛନ୍ତି, ଜିଲାରେ ୨୦ଟି ଲାଇସେନ୍ସପ୍ରାପ୍ତ ନର୍ସିଂହୋମ୍ ରହିଛି। ଅନ୍ୟ ୧୦ଟି ନର୍ସିଂହୋମ୍ ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି। ସମସ୍ତ ନର୍ସିଂହୋମ୍‌ରେ ଜରୁରୀ ସେବା ବ୍ୟବସ୍ଥା ରହିବା ଦରକାର। ଅବୈଧ ଭାବେ ଚାଲୁଥିବା ନର୍ସିଂହୋମ୍ ସମ୍ପର୍କରେ ସୂଚନା ମିଳିଲେ ଚଢାଉ କରି ଏହାକୁ ସିଲ୍ କରାଯିବ।

## ସଂକ୍ଷେପରେ

### ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଭିଡିଓ ଉନ୍ମୋଚିତ

ଭଦ୍ରକ ଅଫିସ, ୨୮।୯: ଭଦ୍ରକ ଜିଲା ବନ୍ତ ଛକ ପୋଲ ତଳେ ଜିଲା ସଂଘର୍ଷ ଉନ୍ନୟନ ସମିତି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଏକ ଦେଶାତ୍ମବୋଧକ ଭିଡିଓ ଉନ୍ମୋଚନ କରାଯାଇଛି। ହୋଇଛି। ସମିତିର ଉପଦେଷ୍ଟା ବରିଷ୍ଠ ଅଧିବକ୍ତା ନିରାକାର ଜେନା ଏହାକୁ ଉନ୍ମୋଚନ କରିଥିଲେ। ଭଦ୍ରକରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଲାଗି ବ୍ୟାପକ ଦସ୍ତଖତ ସଂଗ୍ରହ ଅଭିଯାନ ସହିତ ଜିଲାର ବିଭିନ୍ନ ପ୍ରାନ୍ତରେ ପଥପ୍ରାନ୍ତ ସଭା ଜରିଆରେ ଜନସାଧାରଣଙ୍କୁ ସଚେତନ କରିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଆବାହକ ତଥା ଅଧିବକ୍ତା ଗିରିଧାରୀ ନାଥ, ଅଗଣୀ ଚରଣ ଜେନା, ବିଜୟ କୁମାର ରାଉତ ଓ ଯୁବନେତା ରାକେଶ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ତିହିଡ଼ି,୨୮।୯(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବାରୋ ଗ୍ରାମର ପ୍ରଭାସ ଜେନା(୨୦) ନାମକ ଜଣେ ଯୁବକ ଗୁରୁବାର ରାତିରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ବିଷପିଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ତିହିଡ଼ି ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୬୯/୧୮) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପାରିବାରିକ କଳହରୁ ପ୍ରଭାସ ଆତ୍ମହତ୍ୟା କରିଥିବା କୁହାଯାଉଛି।

### ୧୨୭୮ ହିତାଧିକାରୀଙ୍କୁ ଭତ୍ତା



ଚାନ୍ଦବାଲି,୨୮।୯(ଡି.ଏନ.ଏ.): ଚାନ୍ଦବାଲି ବ୍ଲକ ଓ ଏନ୍ଏସି ଅନ୍ତର୍ଗତ ୧୨୭୮ ଜଣ ହିତାଧିକାରୀଙ୍କୁ ଶୁକ୍ରବାର ନୂତନ ମଧୁବାବୁ ପେନ୍ସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ଚାନ୍ଦବାଲି ଏନଏସିର ନିର୍ବାହୀ ଅଧିକାରୀ ପ୍ରଭୁକଲ୍ୟାଣୀ ଦାସଙ୍କ ଅଧକ୍ଷତାରେ ବିଜୁ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ବ୍ୟୋମକେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଭଦ୍ରକ ଜିଲା ପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ବ୍ଲକ ଅଧକ୍ଷା ମାନସୀ ସାହୁ, ବିପିଓ ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟ ବିବେକାନନ୍ଦ ଦୀକ୍ଷିତ, ଖଗେଶ୍ୱର ବଳ, ପ୍ରଭାସ ନାୟକ, ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### 'ସ୍ୱଚ୍ଛ ବିଦ୍ୟାଳୟ, ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ

ଭଣ୍ଡାରିପୋଖରୀ,୨୮।୯(ଡି.ଏନ.ଏ.):- ଭଣ୍ଡାରିପୋଖରୀ ବ୍ଲକ ତୁଳସୀପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ସ୍ୱଚ୍ଛ ବିଦ୍ୟାଳୟ ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଚିତ୍ରାଙ୍କନ, କଳା, ବକ୍ତୃତା, ଏକକ ଅଭିନୟ, କୁଇଜ, ସଙ୍ଗୀତ ଓ ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା କରାଯାଇ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ସ୍ଥାନୀୟ ପଞ୍ଚାୟତ ସମିତି ଉପାଧକ୍ଷ ଇଂ.ସତ୍ୟବ୍ରତ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପରେଶ ନାୟକ, ଦିଲୀପ ସାମଲ ପ୍ରମୁଖ ଯୋଗଦେଇ କହିଥିଲେ, ସ୍ୱଚ୍ଛତା ହିଁ ସମୃଦ୍ଧିର ମହାମନ୍ତ୍ର। ଏଥିପାଇଁ ପରିବାର ଓ ଗୋଷ୍ଠୀ ସ୍ୱଚ୍ଛତା ସଚେତନତା ଜରୁରୀ। ପ୍ରଧାନଶିକ୍ଷୟିତ୍ରୀ ଅନୁପମା ଦାସଙ୍କ ପୌରୋହିତ୍ୟ କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ସ୍ୱାଇଁ ଅତିଥି ପରିଚୟ ଓ ପୂର୍ଣ୍ଣିମା ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ସ୍ୱଚ୍ଛତା ନେଇ ଶପଥପାଠ କରିଥିଲେ।

# 'ଇରମ ଶହୀଦ ପୀଠକୁ ଜାତୀୟ ମାନ୍ୟତା ଦିଅ'






ଶୁକ୍ରବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସମେତ ଅନ୍ୟମାନେ ଶହୀଦପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି(ବାମ)। ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ଓ ଅନ୍ୟମାନେ।

**୭୬ ତମ ଶହୀଦ ସ୍ମୃତି ଦିବସ ସମାରୋହ**
- ସ୍ୱାଧୀନତା ସଂଗ୍ରାମର ଆତ୍ମବଳିଦାନକୁ ଉପେକ୍ଷା ଏକ ବିଡ଼ମ୍ବନା
- ଶହୀଦ ଓ ସଂଗ୍ରାମୀଙ୍କ ପାଇଁ ଏ ମାଟି ଗର୍ବିତ

ବାସୁଦେବପୁର,୨୮।୯(ଡି.ଏନ.ଏ.)

ଶହୀଦ ଓ ସଂଗ୍ରାମୀଙ୍କ ପାଇଁ ଭଦ୍ରକ ଜିଲା ବାସୁଦେବପୁରର ଇରମ ମାଟି ଗର୍ବିତ। ଦ୍ୱିତୀୟ ଜାଲିଆନାୱାଲାବାଗ ଭାବେ ପରିଚିତ ଏହି ସ୍ଥାନରେ ବ୍ରିଟିଶ ଫୌଜଙ୍କ ଗୁଳିରେ ୨୯ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ। ଏହି ଘଟଣା ଦେଶର ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନକୁ ଆଲୋଡ଼ିତ କରିଥିଲା। ଇତିହାସ ପୃଷ୍ଠାରେ ଘଟଣା ଲିପିବଦ୍ଧ ହୋଇଥିଲେ ବି ଇରମ ଶହୀଦ ପୀଠକୁ ଏଯାଏ ଜାତୀୟ ମାନ୍ୟତା ମିଳି ନାହିଁ, ଯାହାକି ଏକ ବିଡ଼ମ୍ବନା। ଦେଶର ସ୍ୱାଧୀନତା ପାଇଁ ଯେଉଁମାନେ ଆତ୍ମବଳିଦାନ ଦେଇଛନ୍ତି ତାହାକୁ ବ୍ୟର୍ଥ ହେବାକୁ ଦିଆ ନ ଯାଉ। ଶହୀଦଙ୍କ ସ୍ମୃତି ରକ୍ଷା ସମସ୍ତଙ୍କ ଦାୟିତ୍ୱ ଓ ଜାତୀୟ କର୍ତ୍ତବ୍ୟ ବୋଲି ଉକ୍ତ ପୀଠରେ ଶୁକ୍ରବାର ଆୟୋଜିତ ୭୬ ତମ ଶହୀଦ ସ୍ମୃତିଦିବସ ପାଳନ ଅବସରରେ ବିଭିନ୍ନ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଶହୀଦ ସ୍ମୃତି କମିଟି ପକ୍ଷରୁ ଏହି ପୀଠକୁ ଜାତୀୟ ମାନ୍ୟତା ଦେବା ସକାଶେ ଜୋରଦାର ଦାବି କରାଯାଇଛି।

ଶହୀଦ ଦିବସ ପାଳନ ଉପଲକ୍ଷେ ଇରମ ଶହୀଦ ସ୍ମୃତି କମିଟି ପକ୍ଷରୁ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶହୀଦ ପୀଠ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ପରେଡ଼ ପ୍ରଦର୍ଶନ, ଜିଲା ଆରକ୍ଷୀ ବାହିନୀ ପକ୍ଷରୁ 'ଶହୀଦ ସଲାମ' ଓ ଇରମ ନଅଣ ପୋଖରୀରେ ତିଳତର୍ପଣ ଆଦି କାର୍ଯ୍ୟ କରାଯାଇ ଶହୀଦଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସକାଳେ ଆୟୋଜିତ ସମାରୋହରେ ଭଦ୍ରକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ଶହୀଦ ତୀର୍ଥଯାତ୍ରୀ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିବସବ୍ୟାପୀ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପରେ ସନ୍ଧ୍ୟାରେ ସାଧାରଣ ସଭା କରାଯାଇଥିଲା। ଏଥିରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶହୀଦ ସ୍ମୃତି କମିଟି ସଭାପତି ରତିକାନ୍ତ ରାୟ ଅଧକ୍ଷତା କରିଥିଲେ। ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍ମୃତି କମିଟି କାର୍ଯ୍ୟକାରୀ ସଭାପତି ଦୁଃଶାସନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଭଗବାନ ନାୟକ ବିବରଣୀ ପାଠ କରିଥିଲେ।

ସକାଳ ଅଧିବେଶନ ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ପରେଡ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମିଶ୍ର ପରେଡରେ ଅଭିବାଦନ ଗ୍ରହଣ କରି ଶହୀଦ ପୀଠ ଓ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଶହୀଦଙ୍କ ସ୍ମୃତିରକ୍ଷା ସାଙ୍ଗକୁ ଦେଶର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ପ୍ରତ୍ୟେକ ନାଗରିକଙ୍କ ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ଶହୀଦ ସ୍ମୃତି କମିଟି କର୍ମକର୍ତ୍ତାଙ୍କ ସମେତ ଇରମ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶହୀଦ ତୀର୍ଥଯାତ୍ରୀ ସଂଘ ପକ୍ଷରୁ ମଧ ଶହୀଦ ପୀଠ, ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ଆରକ୍ଷୀ ବାହିନୀ ପକ୍ଷରୁ ଅନୁରୂପ 'ଶହୀଦ ସଲାମ' ଦିଆଯାଇଥିଲା। ଭଦ୍ରକ ଏସ୍‌ପି ପଣ୍ଡିତ ରାଜେଶ ଉତ୍ତମ ରାଓ, ଏସଡିପିଓ ଜଳନ୍ଧର ଜାଲି ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଶହୀଦ ତୀର୍ଥ ଯାତ୍ରୀ ସଂଘ ପକ୍ଷରୁ ସକାଳେ ସ୍ଥାନୀୟ ବାସୁଦେବପୁରସ୍ଥିତ କବି ବାଞ୍ଛାନିଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଇରମଠାରେ ଆୟୋଜିତ ସଭାରେ ଶହୀଦ ତୀର୍ଥ ଯାତ୍ରୀ ସଭାପତି ବୈଲୋଚନ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏସ୍‌ପି ରାଓ, ଏସଡିପିଓ ଜାଲିଙ୍କ ସମେତ ଅଧ୍ୟାପିକା ଝରଣା ପଟ୍ଟନାୟକ, ସୀତାବଲ୍ଲଭ ମହାପାତ୍ର, ଅରୁନ୍ଧତୀ ଦେବୀ, ଇଞ୍ଚୁଡ଼ି ସଂଗ୍ରାମୀ ପୀଠରୁ ସର୍ବେଶ୍ୱର ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସାହିତ୍ୟ ପତ୍ରିକା 'ଅବସର' ପକ୍ଷରୁ ସମ୍ପାଦକ ବନମାଳୀ ବାରିକ, କବି ପ୍ରହ୍ଲାଦ ବାରିକ, ରତ୍ନାକର ପଣ୍ଡା, ନନ୍ଦକିଶୋର ମଲିକ, ପଦ୍ମଲୋଚନ ସାହୁ, ସୂର୍ଯ୍ୟସାରଥି ବାରିକ, କବି ତଥା ଅଧ୍ୟାପକ ରତ୍ନାକର ବାରିକ, ପ୍ରସାର ଭାରତୀର ପ୍ରତିନିଧି ଅଶୋକ କୁମାର ନାୟକ ପ୍ରମୁଖ ଶହୀଦ ପୀଠରେ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶହୀଦ ତୀର୍ଥଯାତ୍ରୀ ସଂଘ ସମ୍ପାଦକ ଅଧ୍ୟାପକ ବସନ୍ତ କୁମାର ଦାଶଙ୍କ ସଂଯୋଜନାରେ ଦିବସବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### 'ବଳିଦାନକୁ ଭୁଲିବା ଉଚିତ ନୁହେଁ'

ବାସୁଦେବପୁର,୨୮।୯(ଡି.ଏନ.ଏ.)

ଶହୀଦ ସ୍ମୃତିପୀଠ ଇରମରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ସାଧାରଣ ସଭା। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବା ପାଇଁ ସନ୍ଧ୍ୟା ୭ଟାରେ ଆସି ପହଞ୍ଚିଥିଲେ। ଶହୀଦ ପୀଠ ଓ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରି ସେଠାରେ ଆୟୋଜିତ ସଭାକୁ ଯାଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ସ୍ୱାଧୀନତା ସଂଗ୍ରାମ ପାଇଁ ଆତ୍ମବଳିଦାନ ଦେଇଥିବା ଶହୀଦଙ୍କୁ ଆମେ ଭୁଲିବା ଉଚିତ ନୁହେଁ। ଜନ୍ମମାଟିକୁ ଭଲ ପାଇବା ଭାବନା ସମସ୍ତଙ୍କ ମନରେ ରହିବା ଦରକାର। ଯୁବସମାଜ ପରୋପକାରୀ ହୋଇ କାର୍ଯ୍ୟ କଲେ ଦେଶମାତୃକାର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଇରମରେ ୨୯ଜଣ ଶହୀଦ ହେବା ଘଟଣା ଇତିହାସରେ ସ୍ଥାନ ପାଇଥିବା ସତ୍ତ୍ୱେ ଏହି ପୀଠ ଅବହେଳିତ ହୋଇ ରହିଛି। କେନ୍ଦ୍ରମନ୍ତ୍ରୀ ଓରାମ ତାଙ୍କ ବକ୍ତବ୍ୟରେ ସ୍ମୃତିପୀଠର ବିକାଶ ପାଇଁ କୌଣସି ଘୋଷଣା କରି ନ ଥିଲେ। ଏହି ଅବସରରେ ଇରମକୁ ଜାତୀୟ ସ୍ମାରକୀ ମାନ୍ୟତା ସହିତ ବିଭିନ୍ନ ଦାବି ନେଇ ଶହୀଦ ସ୍ମୃତି କମିଟି ପକ୍ଷରୁ ତାଙ୍କୁ ଦାବିପତ୍ର ଦିଆଯାଇଥିଲା। ଉକ୍ତ ଦାବିପତ୍ରକୁ ସମ୍ପୃକ୍ତ ବିଭାଗରେ ପହଞ୍ଚାଇବେ ବୋଲି ସେ କହିଥିଲେ। ସନ୍ଧ୍ୟା ଉତ୍ସବର ମୁଖ୍ୟବକ୍ତା ଅରୁଣ ପଣ୍ଡା ଉଦ୍‌ବୋଧନ ଦେଇ କହିଥିଲେ, ଯୁବ ସମାଜ ବିପ୍ଳବୀ ହେବା ଆବଶ୍ୟକ। ଇରମ ଗୁଳିକାଣ୍ଡକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ଲେଖକ ଅଜୟ କୁମାର ପଣ୍ଡା ଯୋଗଦେଇ ଇରମ ପୀଠ ଶହୀଦମାନଙ୍କ ପାଇଁ ଗର୍ବିତ ବୋଲି ମତ ରଖିଥିଲେ। ଇରମ ଶହୀଦ ପରିବାରଙ୍କ ଥଇଥାନ ପ୍ରତି ଏଯାଏ ସରକାରୀ ଭାବେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ପ୍ରସଙ୍ଗ ସଭାରେ ଆଲୋଚନା ନ ହେବା ଚର୍ଚ୍ଚାର ବିଷୟ ହୋଇଥିଲା।

## ରିଲିଫ ବଣ୍ଟନ ନେଇ ଛିଡୁନି ଅଙ୍କକଷା

ଆରଡି,୨୮।୯ (ଡି.ଏନ.ଏ.)

ଚଳିତ ମାସ ପ୍ରଥମ ସପ୍ତାହରେ ଲଘୁଚାପଜନିତ ବର୍ଷା ଓ ବନ୍ୟା ଯୋଗୁ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡ଼ି, ସୁନ୍ଦରପୁର, ଓଲଗ, ନାନ୍ଦପୁର ପଞ୍ଚାୟତରେ ୨୫ ଖଣ୍ଡ ଗାଁ ପ୍ରଭାବିତ ହୋଇଥିଲା। ଏହି ୪ ପଞ୍ଚାୟତର ଲୋକଙ୍କୁ ରିଲିଫ ଦିଆଯିବ ଲାଗି ପଞ୍ଚାୟତର ପିଇଓମାନଙ୍କୁ ରିପୋର୍ଟ ପ୍ରସ୍ତୁତ କରି ବ୍ଲକକୁ ଦେବା ସକାଶେ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ପିଇଓମାନଙ୍କ ପରାମର୍ଶକ୍ରମେ ସ୍ଥାନୀୟ ୱାର୍ଡମେମ୍ବରମାନେ କ୍ଷତିଗ୍ରସ୍ତ ପରିବାର ମୁଖ୍ୟଙ୍କ ଆଧାରକାର୍ଡ, ବ୍ୟାଙ୍କ ପାଶବୁକର ଜେରକ୍ସ ସହ ପରିବାର ସଦସ୍ୟଙ୍କ ନାମ ତାଲିକା ପ୍ରସ୍ତୁତ କରି ସପ୍ତାହକ ତଳେ ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ପରେ ପିଇଓମାନେ ଏହାକୁ ନେଇ ବ୍ଲକ କାର୍ଯ୍ୟାଳୟରେ ଜିମା ଦେଇଥିଲେ। ବ୍ଲକରେ ରିଲିଫ ଅଙ୍କକଷା ସରୁ ନ ଥିବାରୁ ଏଯାଏ କାହାକୁ ରିଲିଫ ମିଳିପାରି ନାହିଁ। ଏ ନେଇ ୱାର୍ଡମେମ୍ବର ଓ ପ୍ରଭାବିତ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନାନ୍ଦପୁର ସମିତିସଭ୍ୟ ସ୍ୱଦେଶ ପଣ୍ଡା ସରକାରଙ୍କ ଦ୍ୱାରା ଘୋଷିତ ନୂଆ ରିଲିଫ ନୀତି ଅନୁଯାୟୀ ତୁରନ୍ତ ବନ୍ୟା ବିପନ୍ନଙ୍କୁ ସହାୟତା ଦେବାକୁ ଦାବି କରିଛନ୍ତି। କିନ୍ତୁ ୨୦୧୧ ଜନଗଣନା ତାଲିକା ଅନୁସାରେ ରିଲିଫ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶନାମା ଥିବା କୁହାଯାଉଥିବାରୁ ଅନେକ ରିଲିଫ ପାଇବାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ଏ ବିଷୟରେ ଆଲୋଚନା ଚାଲୁ ରହିଛି ଏବଂ ଆସନ୍ତା ସପ୍ତାହରେ ରିଲିଫ ଅର୍ଥରାଶି ହିତାଧିକାରୀଙ୍କ ଆକାଉଣ୍ଟକୁ ଦିଆଯିବ ବୋଲି ଚାନ୍ଦବାଲି ବିଡିଓ ଅଜମ୍ବର ମହାନ୍ତି ସୂଚନା ଦେଇଛନ୍ତି।

## ଘୂରିଲା ଭୋଟର ସଚେତନତା ରଥ

ଭଦ୍ରକ ଅଫିସ,୨୮।୯

ଭୋଟରଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏକ ଭୋଟର ସଚେତନତା ରଥକୁ ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଗାଁକୁ ଗାଁ ବୁଲି ନୂଆ ଭୋଟରଙ୍କୁ ସଚେତନ କରାଇବ। ଦାସକାଠିଆ ପାଲା ମାଧ୍ୟମରେ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ସୁଚାରୁ ବଳ, ଡିଆଇପିଆର୍‌ଓ ଗୋଲଖ ଚନ୍ଦ୍ର ବେହେରା, ଭୋଟର ସଚେତନତା ଶିକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଉମେଶ ଚନ୍ଦ୍ର ମଲ୍ଲିକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ୱାଗତମ ଫାଟକ ଉଦ୍‌ଘାଟିତ



ପୌରାଧକ୍ଷ ଅଶୋକ ଦାସ ସ୍ୱାଗତମ ଫାଟକ ଉଦ୍‌ଘାଟନ କରୁଛନ୍ତି।

ବାସୁଦେବପୁର,୨୮।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡି ରାସ୍ତାର ଗୁଆଗାଁ ସୀମାରେ ପୌରପାଳିକା ପକ୍ଷରୁ ସ୍ୱାଗତମ ଫାଟକ ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପୌରାଧକ୍ଷ ଅଶୋକ କୁମାର ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ତଥା ବରିଷ୍ଠ କାଉନସିଲର ସୁରେଶ ଚନ୍ଦ୍ର ମହାନ୍ତି, ଉପାଧକ୍ଷ ଆରତି ବିଶ୍ୱାଳ, ନିର୍ବାହୀ ଅଧିକାରୀ ସମରେନ୍ଦ୍ର ଗ୍ରହାଚାର୍ଯ୍ୟଙ୍କ ସମେତ ପୌରପାଳିକାର ସମସ୍ତ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ। ସେହିପରି ପୌରପାଳିକା ଗେଟ୍ ସାମ୍ନାରେ ପୌରପାଳିକା ପକ୍ଷରୁ ଏଲ୍‌ଇଡି ଲାଇଟ ପ୍ରକଳ୍ପକୁ ପୌରାଧକ୍ଷ ଦାସ ଉଦ୍‌ଘାଟନ କରିଥିଲେ। ୨୩ ୱାର୍ଡରେ ୨୬୬୦ଟି ବିଦ୍ୟୁତ୍ ଖୁଣ୍ଟିରେ ଏଲ୍‌ଇଡି ଲାଇଟ ସଂଯୋଗୀକରଣ କରାଯିବାର କାର୍ଯ୍ୟ ଆରମ୍ଭ ହୋଇଛି। ପୌରନିର୍ବାହୀ ଅଧିକାରୀଙ୍କ ସମେତ ୱାର୍ଡ କାଉନସିଲରମାନେ ଉପସ୍ଥିତ ଥିଲେ।

### ପ୍ରସନ୍ନ ହେଲେ ଦଳିତ ଉତ୍କଳ ଭାରତର ରାଜ୍ୟ ସାଧାରଣ ସମ୍ପାଦକ

ତିହିଡ଼ି,୨୮।୯(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କାଁପଡ଼ାର ଯୁବନେତା ପ୍ରସନ୍ନ କୁମାର ଦାସଙ୍କୁ ଦଳିତ ଉତ୍କଳ ଭାରତର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଉତ୍କଳ ଭାରତର ରାଜ୍ୟ ସଭାପତି ମହାମେଘ ବାହାନ ଐରଖାରବେଳ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ଦଳିତ ଉତ୍କଳ ଭାରତର ରାଜ୍ୟ ସଭାପତି ଦିଲୀପ ମଲିକ ପ୍ରସନ୍ନଙ୍କୁ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ତାଙ୍କ ନେତୃତ୍ୱରେ ସଙ୍ଗଠନ ବୃଦ୍ଧି ପାଇବ ବୋଲି ଦଳ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ଭଦ୍ରକ ଲୋକସଭା ଓ ଏହି ଜିଲାର ସମସ୍ତ ବିଧାନସଭା ଆସନରୁ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯିବ ବୋଲି ପ୍ରସନ୍ନ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି।

## କାଦବରାଙ୍ଗରେ ମହିଳା ସଚେତନତା ଶିବିର



ସଚେତନତା ଶିବିରରେ ଯୋଗ ଦେଇଥିବା ମହିଳାମାନେ।

ବନ୍ତ,୨୮।୯(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତର ବନ୍ତଲାଠାରେ ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା ସଂକ୍ରାନ୍ତ ଏକ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ମହିଳା ଯୋଗଦେଇଥିଲେ। ମାସିକ ରତୁସ୍ରାବ ସମୟରେ କିଭଳି ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ ସେନେଇ ପରାମର୍ଶ ଦିଆଯାଇଥିଲା। ବାଙ୍ଗାଲୋରରୁ ଆସିଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ଷ୍ଟୋନସୁପର ମାଳିନୀ ପାରମାର କାର୍ଯ୍ୟକ୍ରମରେ ଯୋଗଦେଇ ସତର୍କତା ଅବଲମ୍ବନ ନ କଲେ ରତୁସ୍ରାବ ସମୟରେ କିଭଳି ରୋଗ ସଂକ୍ରମଣର ଭୟ ରହିଥାଏ ତାହା ବୁଝାଇଥିଲେ। ଷ୍ଟୋନସୁପ ଇନର ହୁଇଲ କ୍ଲବ ଏବଂ ଡିଶ୍ ଅନୁଷ୍ଠାନର ମିଳିତ ସହଯୋଗରେ ପ୍ରଥମ କରି ଏଭଳି କାର୍ଯ୍ୟକ୍ରମ କାଦବରାଙ୍ଗରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ନେଇ ଆୟୋଜିତ ହୋଇଥିବା ସୂଚନା ଦିଆଯାଇଥିଲା।

## ଦାବି ପୂରଣ ନ ହେଲେ ତେଜିବ ଆନ୍ଦୋଳନ

ଧାମନଗର,୨୮।୯ (ଡି.ଏନ.ଏ.)



ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଅସୁରାଳୀଠାରେ ଶୋଭାଯାତ୍ରା।

**ମେଡିକାଲ କଲେଜ ପ୍ରତିଷ୍ଠା ଦାବି**
- ସାମିଲ ହେଲେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର
- ତୃଣମୂଳ ସ୍ତରରେ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ
- ସ୍ୱାସ୍ଥ୍ୟସେବା ଅଣଦେଖାକୁ ନେଇ ସବୁଠି ପ୍ରତିବାଦର ସ୍ୱର

ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ଲାଗି ସରକାରଙ୍କ ଉପରେ ଚାପ ପକାଇବା ସକାଶେ ଜିଲାର ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ଜୋର ଧରିଛି। ଶୁକ୍ରବାର ଧାମନଗର ବ୍ଲକ ଅସୁରାଳୀ ଜୋନ୍‌ରେ ଏହି ଦାବି ନେଇ ଆନ୍ଦୋଳନ କରାଯାଇଥିଲା। ଲୋକେ ବିଶାଳ ରାଲି କରି ବଜାର ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବହୁ ବରିଷ୍ଠ ନାଗରିକ, ଶିକ୍ଷାବିତ୍, ଯୁବଗୋଷ୍ଠୀଙ୍କ ସମେତ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ପରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ଯୁବ ଶିଳ୍ପୋଦ୍ୟୋଗୀ ଆଡଭୋକେଟ ସୂରଜ ସାହୁ ଏଥିରେ ଅଧକ୍ଷତା କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ନାୟକ, ଇଂ. ସନ୍ତୋଷ କୁମାର ସାହୁ, ଡା. ନିମାଇଁ ନାୟକ, ମାନସ ସାହୁ, ମନୋଜ ଦାସ, ନୀହାର ରଞ୍ଜନ ଦାସ, କ୍ଷୀରୋଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ମେଡିକାଲ କଲେଜ ଘୋଷଣା ନ ହେବା ପର୍ଯ୍ୟନ୍ତ ତୃଣମୂଳ ସ୍ତରରେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ବକ୍ତାମାନେ ଦର୍ଶାଇଥିଲେ ଯେ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭଦ୍ରକ ଜିଲା ଏବଂ ଏହା ସଂଲଗ୍ନ ପଡୋଶୀ ଜିଲା ପଛୁଆ ଅଞ୍ଚଳ ହୋଇ ରହିଛି। ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳୁ ନାହିଁ। ଭୌଗୋଳିକ ଦୃଷ୍ଟିକୋଣରୁ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ଜରୁରୀ। ଏହି ଦାବି ପ୍ରତି ସମର୍ଥନ ଜଣାଇ ଜିଲାର ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ହେଉଥିବାରୁ ଏହା ବ୍ୟାପକ ରୂପ ନେବାରେ ଲାଗିଛି। ଜିଲାବାସୀଙ୍କ ବିଭିନ୍ନ ହକ୍ ପୂରଣ ଦିଗରେ ସରକାରଙ୍କ ଅଣଦେଖା ବିରୋଧରେ ସବୁଠି ପ୍ରତିବାଦର ସ୍ୱର ଉଠିଛି। ସ୍ଥାନୀୟ ଅସୁରାଳୀ ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ଅସୁରାଳୀ ଆଇଟିଆଇ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଦି ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ହୋଇ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି।



ଭବିଷ୍ୟତ ପାଇଁ କେଉଁଟା ଶୁଭଦାୟକ ତାହା ଅତୀତ ବିଷୟରେ ହାସଲ କରିଥିବା ଜ୍ଞାନ ହିଁ କହିପାରିବ।
- କନ୍‌ଫୁସିୟସ



## ସଂକ୍ଷେପରେ

### ଶମ୍ବର ମାଂସ ଜବତ, ଜଣେ ଗିରଫ



କପ୍ତିପଦା,୨୮।୯(ଡି.ଏନ.ଏ.): କପ୍ତିପଦା ରେଞ୍ଜ ଅଧୀନ ଶିମିଳିପାଳ ଅଭୟାରଣ୍ୟର ଉପରବାରଡାଙ୍ଗୁଆ - ଖଣ୍ଡାଚିରା ରାସ୍ତାରୁ ବନ ବିଭାଗ କର୍ମଚାରୀ ୫ କେ.ଜି. ଶମ୍ବର ମାଂସ ଜବତ କରିବା ସହ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଜଣକ ହେଲେ ଉଦଳା ଥାନା ଅଧୀନ ସିଧକନପୁର ଗ୍ରାମର ଲକ୍ଷ୍ମଣ ଟୁଡୁ(୧୯) । ତାଙ୍କ ସହ ଥିବା ଉଦଳା ଥାନା ବୈଦାଖୋଲି ଗ୍ରାମର ସୁରେଶ ଟୁଡୁ ଫେରାର ହୋଇଯାଇଛନ୍ତି । ଅଭିଯୁକ୍ତ ଦ୍ୱୟ ଶମ୍ବର ମାଂସ ଧରି ଚାଲି ଚାଲି ଯାଉଥିବା ବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ହାବୁଡରେ ପଡିଥିଲେ । ଏ ସଂକ୍ରାନ୍ତରେ ବନ ବିଭାଗ ଏକ ମାମଲା ରୁଜୁ କରି ଗିରଫ ଲକ୍ଷ୍ମଣଙ୍କୁ କୋର୍ଟଚାଲାଣ କରିଛି।

### ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ

ଠାକୁରମୁଣ୍ଡା,୨୮।୯(ଡି.ଏନ.ଏ): ଠାକୁରମୁଣ୍ଡା ବ୍ଲକ ବାଉଁଶପାଣି ୟୁ.ଜି.ୟୁ.ପି ବିଦ୍ୟାଳୟ ର କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀ କୌଶଲ୍ୟା ସେଠୀଙ୍କୁ ଠାକୁରମୁଣ୍ଡା ବ୍ଲକ ଶିକ୍ଷାଅଧିକାରୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ବିଦ୍ୟାଳୟରେ ଅଶାନ୍ତି ବାତାବରଣ ସୃଷ୍ଟି କରାଇବାକୁ ନେଇ ବ୍ଲକ ଶିକ୍ଷାଧିକାରୀ ଅଭିମନ୍ୟୁ ସେଠୀ ଗତ ୨୭ ତାରିଖରେ ତାଙ୍କୁ ନିଲମ୍ବିତ କରିଥିବା ଜଣାଯାଇଛି।

### କବିବର ରାଧାନାଥ ରାୟଙ୍କ ଜୟନ୍ତୀ

ରାଇରଙ୍ଗପୁର,୨୮।୯(ଡି.ଏନ୍.ଏ.): ରାଇରଙ୍ଗପୁର ସରକାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ୱର୍ଗତ କବିବାର ରାଧାନାଥ ରାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଗୌତମ ବଳିୟାରସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶିକ୍ଷକ ରଞ୍ଜନ କୁମାର ନନ୍ଦ ସ୍ୱର୍ଗତ ରାୟଙ୍କ ଜୀବନୀ ଓ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନ ଏବଂ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କ ସମେତ ଅଧ୍ୟୟନରତ ଛାତ୍ର ରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ସମେତ ଛାତ୍ର ଯୋଗଦେଇଥିଲେ।

### ବନ୍ଦ ରହିଲା ଔଷଧ ଦୋକାନ

ରାଇରଙ୍ଗପୁର,୨୮।୯(ଡି.ଏନ୍.ଏ.): ଅନ୍‌ଲାଇନ୍ ମେଡିସିନ ବ୍ୟବସାୟକୁ ବିରୋଧ କରି ରାଇରଙ୍ଗପୁର ସହରାଞ୍ଚଳ ସମେତ ୭ଟି ବ୍ଲକ ଅଞ୍ଚଳରେ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ମେଡିସିନ୍ ବ୍ୟବସାୟୀ ଦୋକାନ ବନ୍ଦ କରିଥିଲେ। ମୟୂରଭଞ୍ଜ ଜିଲା ଶାଖାର ସଭାପତି ବିକାଶ ଚନ୍ଦ୍ର ମହାନ୍ତ କହିଥିଲେ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ୍ ମେଡସିନ୍ ବିକ୍ରୟ କରାଯିବା ଦ୍ୱାରା ଏଥିରେ ସମ୍ପୃକ୍ତ ବ୍ୟବସାୟୀ ଏବଂ କାର୍ଯ୍ୟରତ କର୍ମଚାରୀ ଉଭୟ କ୍ଷତିଗ୍ରସ୍ତ ହେବେ। ଏହା ପ୍ରତିବାଦରେ ରାଇରଙ୍ଗପୁର ସବ୍‌ଡିଭିଜନ ସମେତ ମୟୂରଭଞ୍ଜ ଜିଲାର ପ୍ରାୟ ୭ ଶହରୁ ଉର୍ଦ୍ଧ୍ୱ ମେଡିସିନ୍ ଦୋକାନୀ ବନ୍ଦ କରାଯାଇଛି ବୋଲି ସଭାପତି ବିକାଶ ପ୍ରକାଶ କରିଛନ୍ତି।

### ଅନର୍ସ ଅଧ୍ୟାପକ ନିଯୁକ୍ତି ଲାଗି ଦାବିପତ୍ର

ରାଇରଙ୍ଗପୁର,୨୮।୯(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର କଲେଜର ଅନର୍ସ ବିଭାଗରେ ଅନର୍ସ ଅଧ୍ୟାପକଙ୍କୁ ଗତ କିଛି ଦିନ ହେବ ଅନ୍ୟତ୍ର ବଦଳି ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଘୋର ବାଧାପ୍ରାପ୍ତ ହୋଇପଡ଼ିଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷା ନିକଟତର ହେଉଥିବା ବେଳେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ତୁରନ୍ତ ଉକ୍ତ ଖାଲି ପଦବୀରେ ଅନ୍ୟଜଣେ ଅଧ୍ୟାପକ ନିଯୁକ୍ତି ପାଇଁ ଛାତ୍ରୀଛାତ୍ର ଦାବି କରିଛନ୍ତି। ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ଥାନୀୟ ରାଇରଙ୍ଗପୁର ଉପଜିଲାପାଳଙ୍କ ମାଧ୍ୟମରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ କମିଶନ ତଥା ସେକ୍ରେଟାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ‘ଛାତ୍ରୀଛାତ୍ର ଆଣିପାରିବେ ଜାଗରଣ’

ବଡ଼ସାହି,୨୮।୯(ସ୍ୱ.ପ୍ର)

ଜଙ୍ଗଲ କ୍ଷୟ ଓ ପ୍ରଦୂଷଣ ଯୋଗୁ ପାରିବେଶିକ ସନ୍ତୁଳନ ବିଗୁଡ଼ୁଛି। ପ୍ଲାଷ୍ଟିକ ଦ୍ରବ୍ୟର ବହୁଳ ଅପବ୍ୟବହାର ଏହି ସମସ୍ୟାକୁ ଅଧିକ ଜଟିଳ ରୂପ ଦେଉଛି। ଶୁକ୍ରବାର ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ସମ୍ମିଳନୀ କକ୍ଷରେ ଧରିତ୍ରୀ ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୧ ଶିକ୍ଷାନୁଷ୍ଠାନର ୭୦ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଜଳ, ସ୍ଥଳ, ବାୟୁ ମଣ୍ଡଳ ଓ ଜୀବଜଗତ ଉପରେ ପ୍ଲାଷ୍ଟିକ କିଭଳି କୁପ୍ରଭାବ ପକାଉଛି ସେ ସମ୍ପର୍କରେ ରଙ୍ଗ ଓ ତୁଳୀରେ ସଚେତନତାର ବାର୍ତ୍ତା ଦେଇଛନ୍ତି।

ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ବିଇଓ ଦେବବ୍ରତ ବାରିକ, ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯାମୀ ବେହେରା ଓ ପିଡିଡିଆରଡିଏ ନିର୍ବାହୀଯନ୍ତ୍ରୀ ବିଭୁଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଚିତ୍ରାଙ୍କନ ମାଧ୍ୟମରେ ଛାତ୍ରୀଛାତ୍ର ପ୍ଲାଷ୍ଟିକମୁକ୍ତ ପରିବେଶ ସମ୍ପର୍କରେ ଦେଉଥିବ ବାର୍ତ୍ତା ପୁରପଲ୍ଲୀରେ ଜାଗରଣ ଆଣିପାରିବ ବୋଲି ଅତିଥି ଓ ବକ୍ତାମାନେ କହିଥିଲେ। ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ କରିବା ପାଇଁ ଧରିତ୍ରୀ ପକ୍ଷରୁ କରାଯାଇଥିବା ପ୍ରୟାସକୁ ସେମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ କରିବା ପରେ ବିଚାରକ ମଣ୍ଡଳୀ ଦ୍ୱାରା ଏହାକୁ ମୂଲ୍ୟାଙ୍କନ କରାଯାଇଥିଲା। ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ସିଂହଟିଆର ୯ମ ଶ୍ରେଣୀ ଛାତ୍ର ଯଶୋବନ୍ତ ମହାନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜଳଚର ଜୀବଙ୍କ ଉପରେ ପ୍ଲାଷ୍ଟିକର ପ୍ରଭାବ, ପ୍ଲାଷ୍ଟିକ ପୋଡିବା ଦ୍ୱାରା ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରୁଥିବା ଓ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରର ଅପକାରିତା ଦିଗକୁ ନେଇ ସେ ଚିତ୍ର ଆଙ୍କିଥିଲେ । ପ୍ଲାଷ୍ଟିକର ବ୍ୟବହାର ଯୋଗୁଁ ଚାଷରେ କିଭଳି ବାଧା ଉପୁଜୁଛି ତାହା ଦର୍ଶାଇବା ସହ ପ୍ଲାଷ୍ଟିକ ଦ୍ରବ୍ୟ ଏଣେତେଣେ ନ ଫିଙ୍ଗି ଡଷ୍ଟବିନ ବ୍ୟବହାର କରିବା ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇ ଚିତ୍ର ଆଙ୍କିଥିଲେ ଦେଉଳିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ୭ମ ଶ୍ରେଣୀ ଛାତ୍ର ରାହୁଲ କୌଶିକ ଜେନା । ସେ ଏହି ପ୍ରତିଯୋଗିତାରେ ୨ୟ ସ୍ଥାନ ଅଧିକାର କରିଥିଲେ । ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ପରିବର୍ତ୍ତେ କାଗଜ କିମ୍ବା କନାରେ ନିର୍ମିତ ବ୍ୟାଗ ବ୍ୟବହାର କରିବା ଓ ପ୍ରଦୂଷଣକୁ ଏଡାଇବା ପାଇଁ ବୃକ୍ଷରୋପଣ ଲାଗି ସଚେତନତାମୂଳକ ଚିତ୍ର ଆଙ୍କି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୭ମ ଶ୍ରେଣୀ ଛାତ୍ର ଗଣେଶ ବେଶ୍ରା ୩ୟ ସ୍ଥାନ ଅଧିକାର କରିଥିଲେ।

ଅପରାହ୍ନରେ ବିଇଓ ଦେବବ୍ରତ ବାରିକଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା କରାଯାଇ ଶ୍ରେଷ୍ଠ ବିବେଚିତ ୩ ପ୍ରତିଯୋଗୀଙ୍କୁ ପ୍ରଶଂସା ପ୍ରମାଣପତ୍ର ଓ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଉଚ୍ଚକୋଟୀର ଚିତ୍ର ଆଙ୍କିଥିବା ୫୦ପ୍ରତିଯୋଗୀଙ୍କୁ ପ୍ରଶଂସା ପ୍ରମାଣପତ୍ର ଓ ପୁରସ୍କାର ଦିଆଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ ଏବଂ ଉପାଧ୍ୟକ୍ଷ ଅନ୍ତର୍ଯାମୀ ବେହେରା ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। କଳା ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବରିଷ୍ଠ ଶିକ୍ଷକ ସଚ୍ଚୀନ୍ଦ୍ର ବିଶ୍ୱାଳ ଚିତ୍ରାଙ୍କନଗୁଡିକର ମୂଲ୍ୟାୟନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରଙ୍କୁ ନେଇ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଧରିତ୍ରୀର ବଡ଼ସାହି ବ୍ଲକ ପ୍ରତିନିଧି ନୀଳାଦ୍ରି ବିହାରୀ ଦଣ୍ଡପାଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କପ୍ତିପଦା ପ୍ରତିନିଧି ନୀହାର ରଞ୍ଜନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ପ୍ରତିନିଧି ରବିନାରାୟଣ ଚାଲାଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

**ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା**

- ପ୍ଲାଷ୍ଟିକମୁକ୍ତ ପରିବେଶ ଲାଗି ଚିତ୍ରରେ ଦେଲେ ବାର୍ତ୍ତା
- ଯଶୋବନ୍ତ ୧ମ, ରାହୁଲ ୨ୟ, ଗଣେଶ ୩ୟ

### ନିର୍ବାଚନ ବର୍ଜନ ଲାଗି ଶିକ୍ଷକଙ୍କ ଚେତାବନୀ

ବାରିପଦା ଅଫିସ,୨୮।୯

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ମୟୂରଭଞ୍ଜ ଜିଲାର ଏକ ଜରୁରୀ ବୈଠକ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଗୃହ ମୁର୍ଗାବାଡିଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଷ୍ଟିୟରିଂ କମିଟି ସଭ୍ୟ ସଂଗ୍ରାମ କେଶରୀ ମଲିକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚ ପକ୍ଷରୁ ଚାକିରି ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଦାବିରେ ଗତ ଅଗଷ୍ଟ ୧୬ ରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ୪୪ ଦିନରେ ପହଞ୍ଚିଥିବା ବେଳେ ସରକାର ଏହାକୁ ଗୁରୁତ୍ୱ ଦେଉ ନାହାନ୍ତି। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଅନଶନ କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ଷ୍ଟିୟରିଂ କମିଟିର ସଭ୍ୟା ଯାଜ୍ଞସେନୀ ରାୟ, ଜିଲା ଷ୍ଟିୟରିଂ କମିଟି ସଭ୍ୟ ଭରତଚନ୍ଦ୍ର ବରାଳ, ଚିତ୍ତରଞ୍ଜନ ପଲତା, ଦୁର୍ଯ୍ୟୋଧନ ବେହେରା ଏହି ନିଷ୍ପତ୍ତିକୁ ସମର୍ଥନ କରିଥିଲେ। ଆସନ୍ତା ଅକ୍ଟୋବର ୯ ତାରିଖରେ ଗ୍ରାମବାସୀମାନଙ୍କୁ ସାଙ୍ଗରେ ନେଇ ଭୁବନେଶ୍ୱରରେ ମହାସମାବେଶ କରାଯିବ ବୋଲି ସୂଚନା ଦେଇଥିଲେ। ଏହା ସହିତ ଆଗକୁ ନିର୍ବାଚନ ବର୍ଜନ କରିବାକୁ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଧାକାନ୍ତ ମହାରଣା, ଶରତଚନ୍ଦ୍ର ଗିରି, ଚନ୍ଦ୍ରଶେଖର ମହାଁ, ରାମଚନ୍ଦ୍ର ଦାସ, ବିଜୟ କୁମାର ପଣ୍ଡିତ, ଗୋପୀବଲ୍ଲଭ ଭୂୟାଁ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

■ ରାଜସ୍ୱ ବିଭାଗ ପ୍ରମୁଖ ସଚିବଙ୍କ ମୟୂରଭଞ୍ଜ ଗସ୍ତ

# ‘ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କର’

ବାରିପଦା ଅଫିସ,୨୮।୯

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ସି.ଏସ. କୁମାର ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତ କରିଛନ୍ତି। ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ସଚିବ ସ୍ୱତନ୍ତ୍ର ଭୋଟର ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ଏବଂ ରାଜସ୍ୱ ବିଭାଗ ଜମିଜମା ରେକର୍ଡର ସମୀକ୍ଷା କରିଥିଲେ। ସମୀକ୍ଷାରେ ସଚିବ ଜିଲାରେ ଚାଲୁ ରହିଥିବା ସ୍ୱତନ୍ତ୍ର ଭୋଟର ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମର ନିର୍ବାଚନ କମିଶନରଙ୍କ ଗାଇଡ ଲାଇନ ଓ ନିର୍ଦ୍ଦେଶାବଳୀ ଅନୁସାରେ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ୧୮-୧୯ବର୍ଷର ଯୁବ ବର୍ଗର ନୂତନ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରାଯିବା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାର ନିୟମ ଅନ୍ତର୍ଗତ ୨୧ପ୍ରକାର ଭିନ୍ନକ୍ଷମ ୧୮ବର୍ଷରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ନେଇ ଗୁରୁତ୍ୱାରୋପ କରିଥିଲେ। ଏହା ସହ ରାଜସ୍ୱ ବିଭାଗ ଅନ୍ତର୍ଗତ ଜମିଜମା ସଂକ୍ରାନ୍ତ ଲ୍ୟାଣ୍ଡ ରେକର୍ଡ କାର୍ଯ୍ୟଧାରା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ଇ-ରେଜିଷ୍ଟ୍ରେଶନ ଏବଂ ଅନଲାଇନ ପ୍ରକ୍ରିୟା ମାଧ୍ୟମରେ ସମସ୍ତ ପ୍ରକାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ତହସିଲ ଓ ଆରଆଇ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ଓ ମରାମତି, ବନ୍ୟା ସ୍ଥିତି , ବେଞ୍ଚମାର୍କ, ଭାଲ୍ୟୁଏଶନ ବିଭାଗର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଗଙ୍ଗାଧର ନାୟକ, ବ୍ରଜବନ୍ଧୁ ଭୋଳ, ବାରିପଦା, ରାଇରଙ୍ଗପୁର,ଉଦଳା ଓ କରଞ୍ଜିଆ ସବଡିଭିଜନର ଉପଜିଲାପାଳଙ୍କ ସହ ସହକାରୀ ଜିଲାପାଳ ସୁବ୍ରତ କୁମାର ବେହେରାଙ୍କ ସମେତ ସମସ୍ତ ବିଡିଓ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ।

### ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବାରିପଦା ଅଫିସ,୨୮।୯

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅନ୍ତର୍ଗତ ହାଣ୍ଡିଭଙ୍ଗା ଜଙ୍ଗଲରୁ ଶୁଳିଆପଦା ପୋଲିସ ଶୁକ୍ରବାର ଜଣେ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ସ୍ଥାନୀୟ ସମିତି ସଭ୍ୟଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ ୪୪/୧୮) ରୁଜୁ କରି ମହିଳାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ପଠାଇଛି । ଶୁଳିଆପଦା ଥାନା ଅଧୀନ ହାଣ୍ଡିଭଙ୍ଗା ଜଙ୍ଗଲରେ ଜଣେ ମହିଳାଙ୍କ ମୃତଦେହ ପଡ଼ିରହିଥିବା ଖବର ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କ ହତ୍ୟା ହୋଇଥିବା ପୋଲିସ ସନ୍ଦେହ କରିଛି। ସେ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବା ବେଳେ ତାଙ୍କ ବୟସ ୩୦ବର୍ଷ ମଧ୍ୟରେ ବୋଲି ପୋଲିସ ଅନୁମାନ କରୁଛି। ତାଙ୍କର କୌଣସି ପରିଚୟ ମିଳିପାରି ନାହିଁ।

# ମା’ କୀଚକେଶ୍ୱରୀ ପୀଠରେ ଦଶହରା ପ୍ରସ୍ତୁତି ବୈଠକ

ବହଳଦା,୨୮।୯(ଡି.ଏନ.ଏ.)

ବହଳଦା ଅଞ୍ଚଳର ଆରାଧ୍ୟ ଦେବୀ ମା’କୀଚକେଶ୍ୱରୀଙ୍କ ପୀଠରେ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାମନଘାଟି ଉପଜିଲାପାଳ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଧର୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜା ସମ୍ପାଦକ ଅତନୁ କୁମାର ମହାନ୍ତି ଗତବର୍ଷ ଦୁର୍ଗାପୂଜାର ଆୟ ଓ ବ୍ୟୟ ହିସାବ ଓ ଚଳିତ ବର୍ଷ ପୂଜାର ଆନୁମାନିକ ଅଟକଳ ଉପସ୍ଥାପନ କରିଥିଲେ । ଏହି ଅବସରରେ ପୂଜା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା । ମା’ଙ୍କ ପୀଠରେ ଆସନ୍ତା ୨ ତାରିଖରେ ମୂଳାଷ୍ଟମୀଠାରୁ ମା’ଙ୍କ ଷୋଡଶ ଉପଚାର ସହ ଦିନାତ୍ମକ ପୂଜା ଆରମ୍ଭ ହେବ। ଏଥିପାଇଁ ୮ ଜଣ ବୈଦିକ ବ୍ରାହ୍ମଣଙ୍କୁ ବରଣ କରାଯିବ । ଆସନ୍ତା ୧୯ ତାରିଖ ଶୁକ୍ରବାର ଦିଗବିଜୟ ଯାତ୍ରା ସହ ମା’ଙ୍କ ପ୍ରସିଦ୍ଧ ଦଶହରା ଉତ୍ସବ ଉଦଯାପନ ହେବ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଭୋଳାନାଥ ସେଠୀ, ରାଜପୁରୋହିତ ଅଶୋକ କୁମାର ସାମନ୍ତରାୟ, ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସତ୍ୟନାରାୟଣ ଦୀକ୍ଷିତ,କୋଷାଧ୍ୟକ୍ଷ ଅମିୟକୁମାର ଦାଶ, ମୁଖ୍ୟ ପୂଜକ ସୁବ୍ରତ କୁମାର ଦାଶ, ଅନୁପ ପାଣିଗ୍ରାହୀ, ଆଯରଯଶଙ୍କର ପାଣିଗ୍ରାହୀ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟ, ସ୍ଥାନୀୟ ବ୍ୟବସାୟୀ ,ବିଭିନ୍ନ ସଂଗଠନର କର୍ମକର୍ତ୍ତା, ପୋଲିସ ବିଭାଗ,ସ୍ୱାସ୍ଥ୍ୟ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀ, ପ୍ରତିନିଧି ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ରାଜରାଜେଶ୍ୱରୀ ଅମୃତାନୟନୀ ମା’ କୀଚକେଶ୍ୱରୀ ଏଠିକା ପୀଠାଧିଶ୍ୱରୀ । ତେଣୁ ଏଠି ମୃଣ୍ମୟମୂର୍ତ୍ତି ପୂଜା କରାଯାଏ ନାହିଁ ।



ମା କୀଚକେଶ୍ୱରୀ ମନ୍ଦିର ପରିସରରେ ଦଶହରା ପୂଜା ପାଇଁ ପ୍ରସ୍ତୁତି ବୈଠକ।

# ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦିଆଗଲା ତାଲିମ

ବାରିପଦା ଅଫିସ,୨୮।୯

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମୟୂରଭଞ୍ଜ ଓ ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ବିଭାଗୀୟ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ଯୋଗ ଦେଇଥିଲେ। ମୟୂରଭଞ୍ଜ ଶିକ୍ଷା ମଣ୍ଡଳ ଅଧିକାରୀ ଚନ୍ଦ୍ରଭାନୁ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ବିଦ୍ୟାଧର ଜେନା ଏବଂ କୁଶଲଦା ଇଟିଟିଆଇର ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଡ.ପ୍ରଫୁଲ୍ଲ କୁମାର ପଣ୍ଡା, ଡ.ଶୈଳେନ୍ଦ୍ର ପାଇକରାୟ, ବିଦ୍ୟାଧର ଜେନା, ବସନ୍ତ ସେନାପତି, ବିଜୟ କୁମାର ମହାନ୍ତି, ଯୋଗେଶ୍ୱର ଘୋଷମହାପାତ୍ର, ନିରଞ୍ଜନ ସାହୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଧର ଜେନା ଓ ଅନାଦି ଚରଣ ବିନ୍ଧାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଉପସ୍ଥିତ ଅତିଥି ବୃନ୍ଦ।

# ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ବାରିପଦା ଅଫିସ,୨୮।୯

ବାରିପଦାସ୍ଥିତ ପୋଲିସ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନର ଦ୍ୱିତୀୟ ବୈଠକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ମୁଖ୍ୟ ଅତିଥି, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟ ବକ୍ତା ଭାବେ ଏହି ବୈଠକରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ବୃନ୍ଦାବନ ଦାଶ ବିଦ୍ୟାଳୟର ଇତିହାସ ସମ୍ପର୍କରେ ଅବଗତ କରିବା ସହିତ ବର୍ତ୍ତମାନ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତିମିର କୁମାର ଘୋଷ ପୁରାତନ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପ୍ରତି ଥିବା କର୍ତ୍ତବ୍ୟ ଉପରେ ସଚେତନତା କରିଥିବା ବେଳେ ରୋଟାରିଆନ ନିରୋଜ କୁମାର ପଣ୍ଡା ରୋଟାରି କ୍ଲବ ପକ୍ଷରୁ ବିଦ୍ୟାଳୟ ପାଇଁ ଏକ ସ୍ୱତନ୍ତ୍ର ପ୍ରକଳ୍ପ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଶେଷରେ ପୁରାତନ ଛାତ୍ର ଅଭିଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଏସ୍‌ପି ଓ ଅନ୍ୟ ଅତିଥି ବୃନ୍ଦ।

# ‘ଦୁର୍ନୀତିର ଚିଠା ନେଇ ଗ୍ରାମାଞ୍ଚଳ ଯିବୁ’

ବାରିପଦା ଅଫିସ,୨୮।୯

କେନ୍ଦ୍ର ସରକାର କିଛି ଦିନ ପୂର୍ବେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଅନ୍ୟ ରାଜ୍ୟ ଏହି ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଓଡିଶା ସରକାର ଏହି ଜନମଙ୍ଗଳକାରୀ ଯୋଜନାରୁ ସାଧାରଣ ଲୋକଙ୍କୁ ବଞ୍ଚିତ କରୁଛନ୍ତି। ଏହି ସବୁ ସମସ୍ୟା ଓ ଦୁର୍ନୀତିର ଚିଠା ନେଇ ମୟୂରଭଞ୍ଜ ଜିଲା ଭାଜପା ଗ୍ରାମାଞ୍ଚଳକୁ ଯିବ। ସେଠାରେ ତୃଣମୂଳସ୍ତରର ଲୋକଙ୍କୁ ଏ ନେଇ ଅବଗତ କରାଇବ। ବାରିପଦା ଉଦଳା ରୋଡସ୍ଥିତ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଉପରୋକ୍ତ ସୂଚନା ଦେଇଛନ୍ତି।

ଏହାବ୍ୟତୀତ ଜିଲାରେ ଚାରା ଦୁର୍ନୀତି ଓ ଖେଳଣା କିଣା ଦୁର୍ନୀତିର ସିବିଆଇ ତଦନ୍ତ ଦାବି କରିଛି ଦଳ। ଜିଲାରେ ହେଉଥିବା ନିଶା କାରବାରକୁ ବନ୍ଦ କରିବା, ଅର୍ଥ ବ୍ୟୟ ବରାଦ ସତ୍ତ୍ୱେ ନର୍ସିଂ କଲେଜ ନ ଖୋଲିବା, ବିଜୁ ଯୁବ ବାହିନୀ ନାଁରେ ନିର୍ବାଚନୀ ପ୍ରଚାର କରିବା, ଜିଲା ପରିଷଦକୁ କ୍ଷମତାହୀନ କରିବା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିବା ଆଦି ଘଟଣାରେ ମଧ୍ୟ ଡା. ମହାପାତ୍ର ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ଏହା ସହିତ ଜିଲାରେ ଦେଖା ଦେଇଥିବା ସ୍ୱାସ୍ଥ୍ୟ ସମସ୍ୟା ବିରୋଧରେ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଥିବା ବେଳେ ଲୋକେ ଯେଉଁ ଚିକିତ୍ସା ସେବା ପାଉଥିଲେ, ମେଡିକାଲ କଲେଜ ହେବା ପରେ ମଧ୍ୟ ଅବସ୍ଥା ସମାନ। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ମେଡିକାଲ କଲେଜ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଏହାର ମୁଖ୍ୟ କାରଣ ବୋଲି ସେ ଦର୍ଶାଇଛନ୍ତି। ଜିଲାର ଅର୍ବାନ ବ୍ୟାଙ୍କ ଜମାକାରୀ ଟଙ୍କା ଫେରି ନ ପାଇବା, ଜମ୍ବିରା ନଦିରୁ ବାରିପଦା ସହରକୁ ଜଳ ଯୋଗାଣ ପ୍ରକଳ୍ପର ଶିଥିଳତା, ଆୟୁର୍ବେଦିକ ଓ ହୋମିଓପାଥିକ କଲେଜକୁ ସରକାରୀ ଘୋଷଣା ଆଦି ଦାବି ନେଇ ଭାଜପା ନେତୃବୃନ୍ଦ ଓ କର୍ମୀମାନେ ଗ୍ରାମାଞ୍ଚଳକୁ ଯାଇ ଜନ ଜାଗରଣ ସୃଷ୍ଟି କରିବେ। ଭାଜପା ପ୍ରତିନିଧୀମାନେ ଆସନ୍ତା ୩୦ରୁ ୬ ତାରିଖ ପର୍ଯ୍ୟନ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପଥପ୍ରାନ୍ତ ସଭାମାନ କରି ଲୋକଙ୍କୁ ଏ ସମ୍ପର୍କରେ ଜଣାଇବେ। ସାଧାରଣ ଲୋକଙ୍କ ଦସ୍ତଖତ ସଂଗ୍ରହ କରି ରାଜପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ଏହି ଖବାରଦାତା ସମ୍ମିଳନିରେ ଜିଲାପରିଷଦ ସଭାପତି ସୁଜାତା ମୁର୍ମୁ, ମୁଖପାତ୍ର କବି ବିଷ୍ଣୁ ଶତପଥୀ, ଜିଲା ଉପସଭାପତି ପରେଶ ଚନ୍ଦ୍ର ମହାନ୍ତ, ଭାଜପା ନେତା ପ୍ରକାଶ ସୋରେନ, କାନ୍ଦ୍ରା ସୋରେନ, ଭାସ୍କର ମଢ଼େଇ, ସୁବାସ ପ୍ରଧାନ, ନିହାର ମୋଦି, ସୁନିଲ ଦାସ, ପୁରୁଷୋତ୍ତମ ନାଏକ, କାଳିଚରଣ ନାଏକ, ଜିଲା ମହିଳା ସଭାନେତ୍ରୀ କୌଶଲ୍ୟା ନାଏକ ଓ ଉତ୍ତମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ସଭାପତି ଓ ଅନ୍ୟମାନେ ।

- ଜନଜାଗରଣ ସୃଷ୍ଟି ନେଇ ଭାଜପାର ଚେତାବନୀ
- ଆୟୁଷ୍ମାନ ଯୋଜନାରୁ ବଞ୍ଚିତ ହେଉଛନ୍ତି ରାଜ୍ୟବାସୀ
- ଚାରା ଓ କଣ୍ଢେଇ କିଣା ଦୁର୍ନୀତିର ସିବିଆଇ ତଦନ୍ତ ଦାବି

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ରାଇସୁଆଁ,୨୮।୯(ଡି.ଏନ.ଏ.): କେନ୍ଦୁଝର ଜିଲା ସଦର ଥାନା ମହାଦେଇଯୋଡ଼ା ମୁଣ୍ଡାସାହି ନିକଟରେ ଶୁକ୍ରବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶିରିଶପାଳ ଗ୍ରାମ ଫୁଲବାହାଲି ସାହିର ସୁନାରାମ ହାଁସଦା। ବରଦାପାଳ ଗ୍ରାମରୁ ଜନ୍ତାଳ ପର୍ବ ଦେଖି ଫେରୁଥିବା ସମୟରେ ସୁନାରାମ ଦୁର୍ଘଟଣାର ଶିକାର ହୋଇଥିବା ସ୍ଥାନୀୟ ଜନସାଧାରଣ କହିଛନ୍ତି।

### କାର୍-ଟ୍ରକ୍ ଧକ୍କା, ୫ ଆହତ



କେନ୍ଦୁଝର, ୨୮।୯(ସ୍ୱ.ପ୍ର.): କେନ୍ଦୁଝର ସଦର ଥାନା ସମ୍ମୁଖ ୨୦ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟାରେ ଏକ କାର୍ ପଛରେ ଟ୍ରକ୍ ଧକ୍କ ହେବାରୁ ୫ ଜଣ ଆହତ ହୋଇଛନ୍ତି। ସେମାନେ ଯାଜପୁରରୁ କେନ୍ଦୁଝର ଦେଇ ଟାଟା ଫେରୁଥିଲେ। କାରଟି ଭାଙ୍ଗି ଚୂରମାର ହୋଇଯାଇଛି। ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ କେନ୍ଦୁଝର ଜିଲା ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଗୁରୁତରମାନେ ହେଲେ ହରପାଲ ସିଂହ ଓ ରୋହିତ କୁମାର।

### ନାଳରେ ଭାସିଗଲେ ଯୁବକ

ଢେଙ୍କିକୋଟ, ୨୮।୯(ଡି.ଏନ.ଏ.): କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସାନ୍ତରାପୁର ପଞ୍ଚାୟତ ଛଟିଆ ଗ୍ରାମକୁ ସୁଦ୍ଧିକ୍ରିୟାକୁ ଆସି ଗୁରୁବାର ନାଳକୁ ଗାଧୋଇବାକୁ ଯାଇଥିବା ଜଣେ ଯୁବକ ଭାସି ଯାଇ ନିଖୋଜ ଅଛନ୍ତି। ଘଟଗାଁ ଅଗ୍ନିଶମ ବିଭାଗ ଗଜେନ୍ଦ୍ର ସିଂ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ସଦଳବଳେ ତନାଘନା ଜାରି ରଖିଛନ୍ତି। ଯୁବକ ଜଣଙ୍କ ହେଲେ ଚମ୍ପୁଆ ଥାନା ରଜିଆ ଗ୍ରାମର ଇନ୍ଦ୍ରଜିତ ନାୟକ(୪୦)। ସେ ଛଟିଆଗ୍ରାମ ବାଘ ମୁଣ୍ଡା ନାଳରେ ଗାଧୋଉଥିବା ବେଳେ ପାଣି ସୁଅରେ ଭାସି ଯାଇଛନ୍ତି। ତାଙ୍କର କୌଣସି ପତ୍ତା ମିଳିନି। ଯୁବକଙ୍କ ମା' ମାଣିକ ନାୟକ ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ବେଳେକୁ ଇନ୍ଦ୍ରଜିତ୍‌ଙ୍କ କୌଣସି ଖୋଜ୍ ଖବର ମିଳି ପାରି ନ ଥିଲା।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ବଡବିଲ, ୨୮।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଆଇନଜୀବୀ ସଂଘର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ମହାନ୍ତ(୬୦)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସ୍ୱର୍ଗତ ମହାନ୍ତ ବଡବିଲ ଆଇନଜୀବୀ ସଂଘର ଆରମ୍ଭରୁ ସଦସ୍ୟ ଥିଲେ। ଶେଷ ସମୟରେ ଉପସଭାପତି ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଗୁରୁବାର ସନ୍ଧ୍ୟାରେ ତାଙ୍କର ହଠାତ୍ ଉଚ୍ଚ ରକ୍ତଚାପ ଯୋଗୁଁ ବ୍ରେନଷ୍ଟ୍ରୋକ୍ ହୋଇଥିଲା। ଫଳରେ ତାଙ୍କର ବାମ ପାର୍ଶ୍ୱ ହାତ ଓ ଗୋଡ ଅକାମୀ ହୋଇଯାଇଥିଲା। ଅସୁସ୍ଥ ଅବସ୍ଥାରେ ତାଙ୍କୁ ପ୍ରଥମେ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ବିୟୋଗରେ ସଂଘ ତରଫରୁ ଏକ ଶୋକ ସଭା ହୋଇଥିଲା। ସଂଘର ସମସ୍ତ ସଦସ୍ୟମାନେ ଶୋକ ସଭାରେ ଉପସ୍ଥିତ ରହି ନୀରବ ପ୍ରାର୍ଥନା କରିଥିଲେ। ଦିନକ ପାଇଁ କାର୍ଯ୍ୟରୁ ନିବୃତ ରହିଥିଲେ।

### ରାସ୍ତାଘାଟ ସଫା ରଖିବା ପାଇଁ ଶପଥ

ରାଇସୁଆଁ,୨୮।୯(ଡି.ଏନ.ଏ.): କେନ୍ଦୁଝର ଜିଲା ସଦର ବ୍ଲକ ପଳାସପଙ୍ଗା ଲ୍ୟାମ୍ପସ ପରିଚାଳନା ପରିଷଦର ସଦସ୍ୟଙ୍କ ଦ୍ୱାରା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଗାଁ ଦାଣ୍ଡ, କାର୍ଯ୍ୟାଳୟକୁ ସଫେଇ କରିଥିଲେ। ଗ୍ରାମର ରାସ୍ତାଘାଟ, ପୋଖରୀ ଆଦିକୁ ସଫା ରଖିବାକ ପାଇଁ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କିଶାନ କାର୍ଡଧାରୀ ସଦସ୍ୟଙ୍କ ସହ ପଳାଶପଙ୍ଗା ଲ୍ୟାମ୍ପସ ପରିଚାଳନା ପରିଷଦର ସଭାପତି ପ୍ରେମାନନ୍ଦ ସିଂ, ଗୁରୁଚରଣ ଦେହୁରୀ, ରାମେଶ୍ୱର ମାଝୀ, ନଳିନୀ ଦେଓ, ଚନ୍ଦ୍ରଭାନୁ ନାୟକ, ବିପିନ ନାୟକ, ଲକ୍ଷ୍ମଣ ନାୟକ, ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଅନ୍ଧାରରେ ବିତୁଛି ଜୀବନ

ପାଟଣା,୨୮।୯(ସ୍ୱ.ପ୍ର.)

**ମୁରୁସୁଆଁବାସୀ ହଇରାଣ**
- ସୌଭାଗ୍ୟ ଯୋଜନା ଦିଗହରା
- ଅଭିଯୋଗ ଶୁଣୁନି ପ୍ରଶାସନ
- ରାଜରାସ୍ତାକୁ ଓହ୍ଲାଇବେ ଲୋକେ

ପାଟଣା ବ୍ଲକ ମୁରୁସୁଆଁ ଗ୍ରାମରେ କେନ୍ଦ୍ର ସରକାରଙ୍କ ସୌଭାଗ ଯୋଜନା ଦିଗହରା ହୋଇଛି। ଗ୍ରାମର ତଳ ସାହିରେ ୮୦ରୁ ଊର୍ଦ୍ଧ୍ୱ ବିପିଏଲ ବର୍ଗର ପରିବାରର ୩୦ରୁ ଊର୍ଦ୍ଧ୍ୱ ମହିଳା ଗୁରୁବାର ତୁରୁମୁଙ୍ଗା ବିଦ୍ୟୁତ୍ ବିଭାଗ ଏସିଡିଓ ଆଶୁତୋଷ ପଣ୍ଡାଙ୍କୁ ଭେଟି ବିଦ୍ୟୁତ୍ ସଂଯୋଗ ପାଇଁ ଦାବି କରିଛନ୍ତି। ସ୍ୱାଧୀନତାର ୭୦ ବର୍ଷ ପରେ ବି ବିଜୁଳି ଆଲୁଅରୁ ସେମାନେ ବଞ୍ଚିତ ହୋଇଛନ୍ତି। ଗାଁଟି ଅନ୍ଧାରରେ ରହୁଛି। ଅନ୍ଧାରରେ ଲୋକେ ଜୀବନ ବିତାଉଛନ୍ତି।

ଏ ନେଇ ଗତ ୧୨ ତାରିଖରେ ପାଟଣା ବ୍ଲକ ସଭାଗୃହରେ ଜିଲାପାଳଙ୍କ ଜନଶୁଣାଣିରେ ଲୋକେ ଅଭିଯୋଗ କରିଥିଲେ। କେନ୍ଦ୍ର ସରକାର ଦେଶର ସବୁ ଗାଁକୁ ବିଜୁଳି ପହଞ୍ଚି ଥିବାର ଦାବି କରୁଥିବା ବେଳେ ସୌଭାଗ୍ୟ ଯୋଜନା ପାଟଣା ବ୍ଲକରେ ଫେଲ ମାରିଛି। ଗାଁରେ ବିଦ୍ୟୁତ୍ ତାର ଖୁଣ୍ଟ ପଡିଥିଲେ ହେଁ ବିଦ୍ୟୁତ୍ ସଂଯୋଗ ହୋଇପାରୁନାହିଁ। ବାରମ୍ବାର ଅଭିଯୋଗ ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ବି ସୁଫଳ ମିଳୁନି। ଖୁବ ଶୀଘ୍ର ବିଦ୍ୟୁତ ସଂଯୋଗ ନ ହେଲେ ଆଗାମୀ ଦିନରେ ବିପିଏଲ ହିତାଧିକାରୀ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ମହିଳା।

# ସମୂହ ଛୁଟିରେ ରହିବେ ଜିଆର୍‌ଏସ୍

ଆନନ୍ଦପୁର, ୨୮।୯(ସ୍ୱ.ପ୍ର.)

ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସଂଘର ଆହ୍ୱାନକ୍ରମେ ସାରା ରାଜ୍ୟରେ କାର୍ଯ୍ୟରତ ଜିଆର୍‌ଏସ୍‌ମାନେ ୨୯ରେ ଭୁବନେଶ୍ୱର ରାମମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଯୋଗଦେଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ଜିଆରଏସମାନେ ଗୋଟିଏ ଦିନ ତଥା ୨୯ ତାରିଖରେ ସମୂହ ଛୁଟିରେ ରହିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିନିମନ୍ତେ ଘସିପୁରା ବ୍ଲକରେ କାର୍ଯ୍ୟରତ ସମସ୍ତ ଜିଆରଏସମାନେ ଏକ ସମୂହ ଛୁଟି ଦରଖାସ୍ତ ପତ୍ର ବିଡିଓ ଡ. ମଧୁସ୍ମିତା ସାମନ୍ତରାୟଙ୍କୁ ପ୍ରଦାନ କରିଛନ୍ତି।

ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକମାନେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଦୀର୍ଘ ୧୨ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ସରକାର ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାରେ ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇ ସରକାର ପରବର୍ତ୍ତୀ ସମୟରେ ପୂରଣ କରିବା ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ପୁନର୍ବାର ସରକାରଙ୍କୁ ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ସ୍ଥାୟୀ ନିଯୁକ୍ତି ଦିଗରେ ସରକାର ଉଚିତ୍ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଅକ୍ଟୋବର ୨୦ ତାରିଖଠାରୁ ସମସ୍ତ ଜିଆରଏସ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସମୂହ ଛୁଟି ଦରଖାସ୍ତ କାର୍ଯ୍ୟକ୍ରମରେ ଘସିପୁରା ବ୍ଲକ ଜିଆରଏସ ସଂଘ ପକ୍ଷରୁ ଜଗନ୍ନାଥ ପାତ୍ର, ମିର୍ଜା ସଫିଉଦ୍ଦିନ୍ ବେଗ୍, ଅଶୋକ ସାହୁ, ବାଦଲ ସାହୁ, ଜିତେନ୍ଦ୍ର ସାହୁଙ୍କ ସମେତ ସମସ୍ତ ଜିଆରଏସ ଉପସ୍ଥିତ ଥିଲେ।



ଜିଆର୍‌ଏସ୍‌ମାନେ ବିଡିଓଙ୍କୁ ଦାବି ପତ୍ର ଦେଉଛନ୍ତି।

### ଜାତୀୟ କୃମି ନାଶକ ଦିବସ

ପାଟଣା,୨୮।୯(ସ୍ୱ.ପ୍ର.)

ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ୱାମ ପାଟଣାଠାରେ ବୁଧବାର ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ ପିଲାଙ୍କୁ କୃମି ନାଶକ ଔଷଧ ଖୁଆଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପୁରୁଷୋତ୍ତମ ମହାନ୍ତ, ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ଶିକ୍ଷାବିତ ଭରତ ଚନ୍ଦ୍ର ସାହୁ, ସିଆରସିସି ପ୍ରମୋଦ କୁମାର ମହାନ୍ତ, ଶିକ୍ଷକ ପରମେଶ୍ୱର ମହାନ୍ତ ଓ ପାର୍ଥସାରଥୀ ବେଜଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ନାୟକ ପରିଚାଳନା କରିଥିଲେ। ମୋଟ ୩୨୦୫୫ ଜଣ ଛାତ୍ରୀ ଛାତ୍ରଙ୍କୁ କୃମି ନାଶକ ଔଷଧ ଖୁଆଇବାର ଧାର୍ଯ୍ୟ ଲକ୍ଷ୍ୟ ରଖା ଯାଇଛି। ଏହି ଔଷଧ ସେବନରୁ ବାଦ ପଡିଥିବା ପିଲାମାନେ ୩ ଅକ୍ଟୋବରରେ ଏହି ଔଷଧ ପୁନର୍ବାର ଖାଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି।

### ଜନଜାଗରଣ ପଦଯାତ୍ରା

କେନ୍ଦୁଝର, ୨୮।୯(ସ୍ୱ.ପ୍ର.)

ପତଳୀ ଯୋଗ ସମିତି ପକ୍ଷରୁ କେନ୍ଦୁଝରଠାରେ ଶହୀଦ ଭଗତ ସିଂଙ୍କ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଯୁବ ଜାଗରଣ ପଦଯାତ୍ରା ଆୟୋଜନ କରାଯାଇଥିଲା। ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରୁ ପଦଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ କାଶୀପୁରସ୍ଥିତ ପତଳୀ କାର୍ଯ୍ୟାଳୟରେ ସମାପ୍ତ ହୋଇଥିଲା। ଏହି ଅବସରରେ ଏକ ସଭା ଆୟୋଜନ ହୋଇଥିଲା। ପତଳୀ ଯୋଗ ସମିତିର ଭାରତ ସ୍ୱାଭିମାନ ପ୍ରଭାରୀ ଡମ୍ବରୁଧର ମହାନ୍ତ ପରିଚାଳନା କରି ଶହୀଦ ଭଗତ ସିଂଙ୍କ ଦେଶ ଭକ୍ତ ଓ ଦେଶ ପାଇଁ କିପରି ହସି ହସି ନିଜର ଜୀବନକୁ ଉତ୍ସର୍ଗିକୃତ କରିଥିଲେ ସେ ବିଷୟରେ କହିଥିଲେ।

■ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

# ଦେଢ଼ଘଣ୍ଟା ଅପେକ୍ଷା କଲେ ଛାତ୍ର

ଚମ୍ପୁଆ, ୨୮।୯(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ଜଗନ୍ନାଥପୁର ସରକାରୀ ଆଶ୍ରମ ବିଦ୍ୟାଳୟର କେତେକ ଛାତ୍ର କୌଣସି କାରଣରୁ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କ ଚିକିତ୍ସା ଲାଗି ସ୍କୁଲର ଜଣେ ରୋଷେୟାଙ୍କ ଦ୍ୱାରା ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ଆଣି ଯାଇଥିଲା। ମାତ୍ର ରୋଷେୟା ଜଣଙ୍କ ଛାତ୍ରଙ୍କୁ ଛାଡି ଗାଡି ସଜାଡିବାକୁ ଚାଲି ଯାଇଥିଲେ। ଫଳରେ ବହୁ ସମୟ ଧରି ଅସୁସ୍ଥ ଛାତ୍ରମାନେ ଡାକ୍ତରଖାନା ବାରଣ୍ଡାରେ ବସି ହଇରାଣ ହୋଇଥିଲେ। ଡାକ୍ତରଖାନା ଆସିଥିବା ଛାତ୍ର ହେଲେ ଗୌତମ ପାତ୍ର, ଗଗନ ନାଏକ, ରାଜେଶ ମୁଣ୍ଡା, ହେମନ୍ତ ମୁଣ୍ଡା, ଗଣେଷ ଚାତାର, ସିପୁନ ଚନ୍ଦ୍ର ନାଏକ, ଜଗବ ମୁଣ୍ଡା, ପର୍ଶୁରାମ ପାତ୍ର।

ସମସ୍ତ ଛାତ୍ରଙ୍କୁ ଛାଡି ରୋଷେୟା ଜଣଙ୍କ ନିଜ ଗାଡି ସଜାଡିବାକୁ ପଳାଇଯିବାରୁ ଛାତ୍ରମାନେ ଡାକ୍ତରଖାନା ବାରଣ୍ଡାରେ ଦେଢ ଘଣ୍ଟା ଧରି ଅପେକ୍ଷା କରି ରହିଥିଲେ। ପରେ ରୋଷେୟା ଆସି ଛାତ୍ରମାନଙ୍କୁ ଡାକ୍ତରଙ୍କୁ ଦେଖାଇ ବିଦ୍ୟାଳୟକୁ ନେଇ ଯାଇଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ଚୈତନ୍ୟ ଚରଣ ଦାସଙ୍କୁ ପଚାରିବାରୁ ସୁପରିଟେଣ୍ଡେଣ୍ଟ ଅନ୍ୟ କାମରେ ଥିଲେ। ଅସୁସ୍ଥ ଛାତ୍ରମାନଙ୍କୁ ସ୍କୁଲର ଜଣେ ରୋଷେୟା ଡାକ୍ତରଖାନା ନେଇଥିଲେ। ଛାତ୍ରମାନେ ଚିକିତ୍ସିତ ହୋଇ ସ୍କୁଲକୁ ଫେରିଛନ୍ତି ବୋଲି ସେ କହିଛନ୍ତି।



ଡାକ୍ତରଖାନାରେ ଅପେକ୍ଷା କରିଥିବା ଛାତ୍ର।

■ ଆନନ୍ଦପୁରରେ ପୃଥକ ଅଗ୍ନିକାଣ୍ଡ

# ୩ ବଖରା ପାଉଁଶ, ୩ ଗୁରୁତର



ପୋଡି ହୋଇଯାଇଥିବା ଘର।

କୋଲିମାଟି, ୨୮।୯

ଆନନ୍ଦପୁରର ପୃଥକ ସ୍ଥାନରେ ଅଗ୍ନିକାଣ୍ଡ ଘଟି ୩ ବଖରା ପାଉଁଶ ହୋଇଥିବା ବେଳ ପୋଡି ହୋଇ ୩ ଜଣ ଆହତ ହୋଇଛନ୍ତି। ଆନନ୍ଦପୁର ଧକୋଠା ପଞ୍ଚାୟତ କୁଣ୍ଡାକୋଟ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ବଜ୍ରପାତରେ ଗ୍ରାମର ବାସନ୍ତୀ ପଲେଇଙ୍କ ଦୁଇ ବଖରା ଘର ଜଳି ଯାଇଛି। ଘରୁ ଅସବାପତ୍ର ଉଦ୍ଧାର କରିବାକୁ ଯାଇ ନିଆଁରେ ପୋଡି ହୋଇ ୨ ଜଣ ଆହତ ହୋଇଛନ୍ତି। ପୋଡ଼ି ଯାଇଥିବା ଆସବାପତ୍ରର ଆନୁମାନିକ ୭୦ ହଜାର ଟଙ୍କା ହେବ ବୋଲି କୁହାଯାଉଛି। ତାଙ୍କ ପରିବାର ଗରିବ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ଆନନ୍ଦପୁର ଥାନା ଶାଳବଣୀ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ପାଗଳ ଜେନାଙ୍କ ଏକ ବଖରା ଘର ଜଳି ଯାଇଛି। ଘରର ସମସ୍ତ ଆସବାପତ୍ର ନଷ୍ଟ ହୋଇଛି। ଘରର ସାମଗ୍ରୀ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# ଆୟୁଷ ଡାକ୍ତରଙ୍କ ଭରସାରେ ରୋଗୀ

ପାଟଣା,୨୮।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଛି। ଏହି ସାସ୍ଥ୍ୟ କେନ୍ଦ୍ର ଉପରେ ବହୁ ଲୋକ ନିର୍ଭର କରନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ଦେଇ ମୁମ୍ବାଇ କଲିକତା ୪୯ ନମ୍ବର ବ୍ୟସ୍ତ ବହୁଳ ଜାତୀୟ ରାଜପଥ ଯାଇଥିବାରୁ ପ୍ରତ୍ୟେହ ଅନେକ ଛୋଟ ବଡ ବସ ଦୁର୍ଘଟଣା ଘଟୁଥିଲେ ହେଁ ଡାକ୍ତର ଅଭାବରୁ ଦୁର୍ଘଟଣାଗ୍ରସ୍ତ ରୋଗୀ ଠିକଣା ସମୟରେ ସ୍ୱାସ୍ଥ୍ୟ ସେବା ପାଇ ପାରୁନାହାନ୍ତି ବୋଲି ଆଲୋଚନା ହେଉଛି। ଜଣେ ମାତ୍ର ନିୟମିତ ଡାକ୍ତର ଶ୍ୱେତା ସୁମନ ନାଏକ ଦୀର୍ଘ ୫ ମାସ ହେବ ବାରିପଦା ମେଡିକାଲ କଲେଜକୁ ବଦଳି ହୋଇଗଲା ପରେ ଡାକ୍ତରଖାନା ଫାଙ୍କା ପଡିଛି। ଲୋକେ ସାମାନ୍ୟ ରୋଗର ଶିକାର ହେଲେ ମଧ୍ୟ ଦୀର୍ଘ ୨୭କି.ମି. ଦୂରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ କେନ୍ଦୁଝରକୁ ଦୌଡ଼ିବାକୁ ପଡୁଛି। ଆୟୁଷ ଡାକ୍ତର ସୁବାଷ କର ଓ କମ୍ପାଉଣ୍ଡର ଅଜୟ କୁମାର ସାହୁଙ୍କ ଭରସାରେ ଡାକ୍ତର ଖାନା ଚାଲିଛି। ଏହାର ସ୍ଥାୟୀ ସମାଧାନ କରିବା ସହିତ ଡାକ୍ତର ନିଯୁକ୍ତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୭ ଦଫା ଦାବିରେ ଆମରଣ ଅନଶନ



ଅନଶନରେ ସାମିଲ ହୋଇଥିବା କର୍ମଚାରୀ।

କେନ୍ଦୁଝର, ୨୮।୯(ସ୍ୱ.ପ୍ର.)

କେନ୍ଦୁଝର ବିଏସ୍‌ଏନ୍‌ଏଲ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ଦିନିକିଆ ଆମରଣ ଅନଶନ ଆରମ୍ଭ ହୋଇଛି। ସଙ୍ଗଠନର ଶତାଧିକ କର୍ମୀ ସକାଳୁ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ସମାନ କାମକୁ ସମାନ ଦରମା, ଠିକ ସମୟରେ ଇପିଏଫ ଜମା କରି ପାସ ବୁକରେ ଉଲ୍ଲେଖ, ଅସ୍ଥାୟୀ କର୍ମଚାରୀଙ୍କୁ ପରିଚୟ ପତ୍ର, ଅସ୍ଥାୟୀ କର୍ମଚାରୀଙ୍କୁ ଗ୍ରେଡ଼େଶନ ଲିଷ୍ଟ ପ୍ରସ୍ତୁତ, ଇଏସ୍‌ଆଇ ଆଇନ ଅନୁଯାଇ ମଜୁରିରୁ କଟା ଯାଉଥିବା ଅର୍ଥ ତୁରନ୍ତ ଜମା କରିବା ଆଦି ଦାବି ନେଇ ଅନ୍ଦୋଳନ କରିଛନ୍ତି। ଫଳରେ କେନ୍ଦୁଝରରେ ବିଏସ୍‌ଏନ୍‌ଏଲ୍ ସେବା ବାଧାପ୍ରାପ୍ତ ହୋଇଛି। ଗଣେଶର ଚନ୍ଦ୍ର ପତି ଓ ହରେରାମ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

# ବରଦାପାଳରେ ଜନ୍ତାଳ ପର୍ବ

ରାଇସୁଆଁ, ୨୮।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ବରଦାପାଳ ଗ୍ରାମରେ ଜନ୍ତାଳ ପର୍ବ ପାଳିତ ହୋଇଛି। ଏହା ଏକ ମୁଖ୍ୟ ପର୍ବ ଭାବରେ ପରିଗଣିତ। ଏହି ପର୍ବରେ ୧୮ଟି ମୌଉଜାର ଲୋକେ ମାନସିକ ପୂରଣ ପାଇଁ ଦେବୀ ମଙ୍ଗଳେଶ୍ୱରୀଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ମା' ମଙ୍ଗଳେଶ୍ୱରୀଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଏହି ଦିନରେ ମାନସିକ ରଖିଲେ ପୂରଣ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ମାନସିକ ପୂରଣ ପରେ ଶ୍ରଦ୍ଧାଳୁ ଛେଳି, କୁକୁଡା ମା'ଙ୍କ ନିକଟରେ ବଳି ଦେଇଥାନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ କହୁଛନ୍ତି। ଏହି ଦିନରେ ନୂଆ ଖାଇଥାନ୍ତି। ମା'ଙ୍କ ପୂଜାର୍ଚ୍ଚନା ଏବଂ ଦର୍ଶନ ପାଇଁ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା।



ଜନ୍ତାଳ ପର୍ବରେ ଯୋଗ ଦେଇଥିବା ଗ୍ରାମବାସୀ।

# ଔଷଧ ଦୋକାନ ବନ୍ଦ, ରୋଗୀ ହଇରାଣ

ଆନନ୍ଦପୁର,୨୮।୯(ସ୍ୱ.ପ୍ର.)

ସର୍ବଭାରତୀୟ ଔଷଧ ବ୍ୟବସାୟ ସଂଘର ବନ୍ଦ ଡାକରାରେ କେନ୍ଦୁଝର ଜିଲାରେ ସମସ୍ତ ଔଷଧ ବ୍ୟବସାୟୀ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଅନଲାଇନ୍‌ରେ ଔଷଧ ବ୍ୟବସାୟକୁ ବନ୍ଦ କରିବା ଦାବିରେ ଆନ୍ଦୋଳନ ଡକାଯାଇଥିଲା। ଫଳରେ ଅଞ୍ଚଳରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। କେବଳ ସରକାରୀ ସ୍ତରରେ ରୋଗୀମାନେ ଔଷଧ ସେବା ପାଇଥିଲେ ହେଁ କେତେକ ଜରୁରୀ ଔଷଧ ସେଠାରେ ଉପଲବ୍ଧ ହେଉ ନ ଥିବାରୁ ରୋଗୀମାନେ ପ୍ରଭାବିତ ହୋଇଥିଲେ। ଏହି ଆନ୍ଦୋଳନରେ ଅରୁଣ ଦାସ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଦୀପ୍ତିକାନ୍ତ ମହାପାତ୍ର, ଦେବେନ୍ଦ୍ର ଜେନା, ଜିତେନ୍ଦ୍ର ପଣ୍ଡା, ତ୍ରିଲୋଚନ ଜେନା, ବ୍ରହ୍ମାନନ୍ଦ ଯେନା, ହାଡିବନ୍ଧୁ ସାହୁ, ସୁଜିତ୍ ଜେନା, ସଞ୍ଜୟ ମୁଦୁଲୀ, ମନୋଜ ପାତ୍ର, ଦିଲ୍ଲୀପ ଘୋଷ, ଅଶୋକ ଦାଶ ପ୍ରମୁଖ ସମସ୍ତ ଔଷଧ ବ୍ୟବସାୟୀ ବନ୍ଦ ସଫଳ ରୂପାୟନ କରିଥିଲେ।





ଆନ୍ଦୋଳନରେ ସାମିଲ ହୋଇଥିବା ଔଷଧ ବ୍ୟବସାୟୀ।

ଯୋଡା, (ଡି.ଏନ.ଏ.)

କେନ୍ଦୁଝର ଡ୍ରଗିଷ୍ଟ ଓ କେମିଷ୍ଟ ଆସୋସିଏଶନ ପକ୍ଷରୁ ଯୋଡ଼ାରେ ଧର୍ମଘଟର ପ୍ରଭାବ ଦେଖାଦେଇଛି। ସଂଘର ଯୋଡା କାର୍ଯ୍ୟକାରୀ ସଦସ୍ୟ ପ୍ରକାଶ କୁମାର ମହାପାତ୍ର ସୂଚନା ଦେଇଛନ୍ତି ଯେ, ଏହି ଧର୍ମଘଟରେ ପ୍ରାୟ ୨୦ଟି ଔଷଧ ଦୋକାନ ବନ୍ଦ ରହିଛି। ଯାଡ଼ାରେ ବିଭିନ୍ନ ଔଷଧ ଦୋକାନ ଗୁଡିକ ବନ୍ଦ ଫଳରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଛି। ଦାବି ପୂରଣ ଦିଗରେ ଅଣଦେଖା କଲେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଔଷଧ ବ୍ୟବସାୟୀମାନେ ଦୋକାନ ବନ୍ଦ ରଖିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ପାଟଣା, (ସ୍ୱ.ପ୍ର.)

ପାଟଣା ବ୍ଲକ ମୁଖ୍ୟାଳୟରେ ଥିବା ସମସ୍ତ ଔଷଧ ଦୋକାନଗୁଡିକ ଶୁକ୍ରବାର ବନ୍ଦ ରହିଛି। ରୋଗୀମାନେ ଏଥିରେ ପ୍ରଭାବିତ ହୋଇଥିବାର ଦେଖିବାକୁ ମିଳିଛି। ପାଟଣା ମୁଖ୍ୟାଳୟରେ ଥିବା ଲକୀ ଔଷଧ ଦୋକାନ, ମା ତାରିଣୀ ଔଷଧ ଦୋକାନ ଗୁଡିକ ବନ୍ଦ ରହିଥିବାର ଦେଖିବାକୁ ମିଳିଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା କେତେକ ମେଡିସିନ ଦୋକାନ ଖୋଲା ରହିଥିବାର ଦେଖିବାକୁ ମିଳିଥିଲା।

ରାଇସୁଆଁ, (ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଥିବା ଔଷଧ ଦୋକାନ ଗୁଡିକ ବନ୍ଦ ରହିଥିଲା। ଫଳରେ ବହୁ ରୋଗୀ ଔଷଧ ପାଇ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା। ଇ-ଫାର୍ମାସୀକୁ ଅସିଦ୍ଧ ଘୋଷଣା କରିବା ସହ ସେହି ବ୍ୟବସ୍ଥାକୁ ବନ୍ଦ କରିବାକୁ କେନ୍ଦୁଝର ଜିଲା ଔଷଧ ବ୍ୟବସାୟୀ ସଂଘର ବରଦାପ୍ରଶ୍ନ ଦାସ, ଉମାକାନ୍ତ ସ୍ୱାଇଁ ପ୍ରମୁଖ କହିଛନ୍ତି।

## ସଂକ୍ଷେପରେ

### ମେଶିନ ଚାପାରେ ଶ୍ରମିକଙ୍କ ମୃତ୍ୟୁ

**ବଡବିଲ, ୨୮।୯(ସ୍ୱ.ପ୍ର.):** ବଡବିଲସ୍ଥିତ ଇଂଜିନିୟରିଂ ୱାର୍କସପରେ କାର୍ଯ୍ୟରତ ଜଣେ ଶ୍ରମିକ ଏକ ଲେଦ ମେଶିନ ତଳେ ଚାପି ହୋଇ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ବାଙ୍କୁଡା ଜିଲା ପୁନିସାଲ ଗ୍ରାମର ସାଇମୁର ମଣ୍ଡଳ(୬୦)। ଗାତ ଖୋଳୁଥିବା ବେଳେ ତାଙ୍କ ଉପରେ ଲେଦ ମେଶିନ ଖସି ପଡ଼ିଥିଲା। ଏ ନେଇ ବଡବିଲ ଥାନାରେ ଅଭିଯୋଗ ହୋଇଛି।

### ଦଳକୁ ସୁଦୃଢ କରିବାକୁ ଗୁରୁତ୍ୱ



**ତେଲକୋଇ, ୧୮।୯(ଡି.ଏନ.ଏ.):** ତେଲକୋଇ ନିର୍ବାଚନ ମଣ୍ଡଳୀର କରଦାଙ୍ଗୀ ପଞ୍ଚାୟତ ମୁଖ୍ୟାଳୟରେ ଜନ ସମୃଦ୍ଧି ପାର୍ଟିର ଆଗାମୀ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭ୍ୟ ସଂଗ୍ରହ ଓ ବୁଥର କାର୍ଯ୍ୟକର୍ତ୍ତାଙ୍କୁ ଗୁରୁତ୍ୱ ଦିଆଯାଇଥିଲା। ବ୍ଲକ ୧୯ନଂ ଜିଲା ପରିଷଦ ଜୋନର ବିନୋଦ ବିହାରୀ ପ୍ରଧାନଙ୍କ ଅଧକ୍ଷତାରେ ବ୍ଲକ ଅଧକ୍ଷ ମମତା ଦେହୁରି, ଉପାଧକ୍ଷ ଜିତେନ୍ଦ୍ର ପ୍ରଧାନ ଏବଂ ବିଭିନ୍ନ ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚମାନେ ଯୋଗ ଦେଇଥିଲେ। ପାର୍ଟିର ବରିଷ୍ଠ ନେତାଙ୍କ ମଧରେ କରଦାଙ୍ଗୀ ପଞ୍ଚାୟତର ସମିତିସଭ୍ୟ ଶ୍ୟାମ ସୁନ୍ଦର ଧୀର, କୈଳାଶ ପ୍ରଧାନ ଯୋଗ ଦେଇ ଦଳକୁ ସୁଦୃଢ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତର ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

# ମୂଲ୍ୟବାନ ଶାଳ କାଠ ଜବତ

**ପାଟଣା/ ଢେଙ୍କିକୋଟ, ୨୮।୯ (ସ୍ୱ.ପ୍ର./ଡି.ଏନ୍.ଏ.)**

ପାଟଣା ବନାଞ୍ଚଳ କଟାବେଡ଼ା ଗ୍ରାମ ନିକଟ ପୁରୁଣାପାଣି ସଂରକ୍ଷିତ ଜଙ୍ଗଲରୁ ଗୁରୁବାର ବିଳମ୍ବିତ ରାତିରେ ସ୍ଥାନୀୟ ବନ ବିଭାଗ ଚଢ଼ାଉ କରି କାଠ ଗଣ୍ଡି ବୋଝେଇ ଏକ ନମ୍ବର ବିହୀନ ଟାଟା ୨୦୭ ଗାଡିକୁ ଜବତ କରିଛି। କାଠ ମାଫିଆମାନେ ପୁରୁଣାପାଣି ସଂରକ୍ଷିତ ଜଙ୍ଗଲରେ ବିରାଟ ଶାଳ ଗଛ କାଟି ନେଉଥିଲେ। ରାତ୍ରୀ ପାଟ୍ରୋଲିଂରେ ଥିବା ପାଟଣା ବନ ବିଭାଗ ଟିମ୍ ହାବୁଡ଼ରେ କାଠ ମାଫିଆମାନେ ପଡ଼ି ଯାଇଥିଲେ। ଅନ୍ଧାରର ସୁଯୋଗ ନେଇ ବନ ବିଭାଗ କର୍ମଚାରୀଙ୍କୁ ଚକମା ଦେଇ ମାଫିଆମାନେ ଗାଠ ବୋଝେଇ ଗାଡ଼ି ଛାଡି ରେଙ୍ଗାଲବେଡା ଦେଇ ଚଇଁଭୁଲ ଆଡକୁ ଫେରାର ହୋଇଯାଇଛନ୍ତି।



ଜବତ ହୋଇଥିବା ଶାଳ ଗଣ୍ଡି।

ଜବତ ହୋଇଥିବା ଶାଳ କାଠ ଗଣ୍ଡି ୭ର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପାଟଣା ବନାଞ୍ଚଳ ଅଧିକାରୀ ପବିତ୍ର ମୋହନ ନାଏକ କହିଛନ୍ତି। ଏ ନେଇ ପାଟଣା ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି। ଏହି ଚଢ଼ାଉରେ ବନାଞ୍ଚଳ ଅଧିକାରୀ ପବିତ୍ର ମୋହନ ନାଏକ, ପାଟଣା ବନପାଳ ଶଶି ଭୂଷଣ ବାରିକ, ସାହାରପଡା ବନପାଳ ସୁକୁମାର ଜେନା ଓ ଫରେଷ୍ଟ ସ୍କ୍ୱାଡ୍ ସାମିଲ ହୋଇଥିଲେ। ସେହିପରି ଘଟଗାଁ ରେଞ୍ଜ ଢେଙ୍କିକୋଟ ଫରେଷ୍ଟ ସେକ୍ସନ ପିପିଳିଆ ସଂରକ୍ଷିତ ଜଙ୍ଗଲରୁ ଶାଳ ପାଠ ଜବତ ହୋଇଛି। ଢେଙ୍କିକୋଟ ଫରେଷ୍ଟର ଗୌରଚନ୍ଦ୍ର ନାଏକଙ୍କ ସହ ବନରକ୍ଷୀ ଯୋଗେଶ୍ୱର ମାଝୀ, ପିପିଳିଆ ବନରକ୍ଷୀ ବନିତା ରାଉତ ଏବଂ ପାରା ଷ୍ଟାପ ମିଳିତ ଭାବେ ଚଢ଼ାଉ କରିଥିଲେ। ଜବତ ଶାଳକାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଫରେଷ୍ଟର ଗୌରଚନ୍ଦ୍ର ପ୍ରକାଶ କରିଛନ୍ତି।

## ଫୁଡ୍ କମିଶନରଙ୍କ ତେଲକୋଇ ଗସ୍ତ

**ତେଲକୋଇ, ୨୮।୯(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଫୁଡ କମିଶନର ରଙ୍ଗଲାଲ ଜାମୁଦା ଶୁକ୍ରବାର ତେଲକୋଇ ଗସ୍ତରେ ଆସି ଥିଲେ। ବିଭିନ୍ନ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ସହ ସେବାଶ୍ରମରେ ହେଉଥିବା ରୋଷେଇର ଖାଦ୍ୟ ଯାଞ୍ଚ କରିଥିଲେ। ଜିଲା ଓ ବ୍ଲକ ପ୍ରଶାସନ ଅଧିକାରୀମାନେ ବିମଳା ପଞ୍ଚାୟତରେ କମିଶନରଙ୍କୁ ସ୍ୱାଗତ କରିଥିଲେ। ପଞ୍ଚାୟତର ନମକାନୀ ଗ୍ରାମରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ।

ଦୋବଲାପାଳ ପଞ୍ଚାୟତ ଅଧୀନ ବାଂଶପାଳ ଗ୍ରାମରେ ବନ ବିଭାଗର ଚାରାରୋପଣସ୍ଥଳ ପରିଦର୍ଶନ କରିଥିଲେ। ସ୍ଥାନୀୟ ବିଡିଓ ଦିଲ୍ଲିପ କୁମାର ବାରାଙ୍କ ସମେତ ଜିଲାର ପିଡି ନୃସିଂହ ଚରଣ ସ୍ୱାଇଁ, ଜିଲା କଲ୍ୟାଣ ବିଭାଗର ଅଧିକାରୀ ଜୀବନ ମୁଣ୍ଡା ଓ ବନାଞ୍ଚଳ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଗାଡି ସହ ପିଲେଟ ଗୋଲି ଜବତ, ୮ ଗିରଫ



ଗିରଫ ହୋଇଥିବା ୮ ଯୁବକ।

**ବଡବିଲ, ୨୮।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ପୋଲିସ ଶୁକ୍ରବାର ଭଦ୍ରସାହି-ରୋଇଡା ରାସ୍ତା କଡ ଜଙ୍ଗଲରୁ ଚୋରାରେ ଗଚ୍ଛିତ ଥିବା ପିଲେଟ ଗୋଲି ଲୋଡିଂ ହେଉଥିଲା। ସେହି ସମୟରେ ଚଢାଉ କରାଯାଇ ୪୦ ମେଟ୍ରିକ ଟନ ପିଲେଟ ଗୋଲି ସହ ଏକ ଟ୍ରକ ଓ ବଲେରୋକୁ ଜବତ କରାଯାଇଥିବା ବେଳେ ୮ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲା ଯଶିପୁର ଅଞ୍ଚଳର ଆସିଫ ଆନସାରୀ ଓରଫ୍ ଚିଣ୍ଟୁ, ଝାଡଖଣ୍ଡ ହଜାରିବାଗ ଜିଲା ରେୱାଲି ଗ୍ରାମର ସଞ୍ଜୟ ସାହା, ସରେଇକଳା-ଖରସୁଆଁ ଜିଲା ଚାଣ୍ଡିଲ ଗ୍ରାମର ମୁକେଶ ସେହଗାଲ, ପୂର୍ବ ଜାମସେଦପୁର ଜିଲା ପ୍ରେମନଗର ରୋଡ ନଂ-୧ ଅଞ୍ଚଳର ସଞ୍ଜୟ କୁମାର ପ୍ରସାଦ, ପୂର୍ବ ସିଂହଭୂମ୍ ଜିଲା ବର୍ମା ମାଇନ୍ସ କ୍ୟାରେଜ କଲୋନୀର ଜୟଦେବ ଗିରି, ଡୁଇଲା ଡୁଂଗ୍ରି ଅଞ୍ଚଳର ଅନୁପ ରାଜ, ବିହାର ଗୟା ଜିଲା କୁରମାୱନ ଗ୍ରାମର ଅଖିଳେଶ କୁମାର ସାଓ, ମୟୂରଭଞ୍ଜ ବାଦାମପାହାଡ ଥାନା ଧୋବା ଗ୍ରାମର ପ୍ରବୀର କୁମାର ଗିରି। ଘଟଣାସ୍ଥଳରୁ ଏକ ଟ୍ରକ (ନଂ.ଜେଏଚ୦୨ଏକେ୪୩୮୦ ଓ ବଲେରୋ ନଂ ଜେଏଚ୦୬ସି୫୨୮୫)କୁ ପୋଲିସ ଜବତ କରିଛି। ଏ ନେଇ ବଡବିଲ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମନ୍ତ୍ରୀ ପୁଅଙ୍କ ଜାମିନ୍ ଖାରଜ, ବଢ଼ିଲା ଚିନ୍ତା

**କେନ୍ଦୁଝର, ୨୮।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଦୌରା ଜଜ କୋର୍ଟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପୁଅଙ୍କ ଜାମିନ ଗୁରୁବାର ପୁଣି ଖାରଜ ହୋଇଛି। ଫଳରେ ତାଙ୍କର ଚିନ୍ତା ବଢ଼ିବାରେ ଲାଗିଛି। ଓକିଲଙ୍କ ଆନ୍ଦୋଳନ ଯୋଗୁଁ ମନ୍ତ୍ରୀଙ୍କ ପୁଅ ଦେବାଶିଷ ପାତ୍ର ନିଜେ ଜାମିନ ଆବେଦନ ଜେଲ କର୍ତ୍ତୃପକ୍ଷଙ୍କ ଜରିଆରେ (ପ୍ରିଜିନ ପିଟିସନ) କରିଥିଲେ। ଭିଡିଓ କନ୍‌ଫରେନସିଂ ଜରିଆରେ ଜିଲା ଦୌରାଜଜ ଲକ୍ଷ୍ମୀଧର ବିଶ୍ୱାଳ ଶୁଣାଣି ଗୁରୁବାର କରି ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ। ସୁରକ୍ଷା ଦୃଷ୍ଟିକୁ ଆଖି ଆଗରେ ରଖି କୋର୍ଟରେ ହାଜର କରା ନ ଯାଇ ଭିଡିଓ କନଫରେନସିଂ ଜରିଆରେ ଜାମିନ ଆବେଦନର ଶୁଣାଣି କରାଯାଇଥିଲା। ଫଳରେ ଦେବାଶିଷ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଚର୍ଚ୍ଚା ହେଉଛି।

ଗତ ୬ ତାରିଖରେ ମରଣାନ୍ତକ ଆକ୍ରମଣ ଘଟଣାରେ ସତ୍ୟବ୍ରତ ଜେନା ନାମକ ଜଣେ ବ୍ୟକ୍ତି ଘଷିପୁରା ଥାନାରେ ଦେବାଶିଷଙ୍କ ବିରୋଧରେ ଲିଖିତ ଏତଲା ଦେଇଥିଲେ। ପରେ ଘଷିପୁରା ଥାନା ପୋଲିସ ଏକ ମାମଲା (ନଂ.୧୪୮/୧୮) ରୁଜୁ କରି ଦେବାଶିଷଙ୍କୁ ଟାଙ୍ଗି ଅଞ୍ଚଳରୁ ଗିରଫ କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ଫେରାଦ ହେବାକୁ ଯାଇ ଫେରୁଥିବା ବେଳେ ପୋଲିସ ଦେବାଶିଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବୋଲି କୁହାଯାଉଛି। ଓକିଲ ଆନ୍ଦୋଳନ ଯୋଗୁଁ ଦେବାଶିଷ ନିଜେ ଜାମିନ ଆବେଦନ କରିଥିଲେ। ଆହତ ସତ୍ୟବ୍ରତ ନାୟକ କଟକରେ ଚିକିତ୍ସାଧୀନ ଥିବାରୁ ତାଙ୍କ ବଦଳରେ ତାଙ୍କ ବାପା କୋର୍ଟରେ ହାଜର ହୋଇଥିଲେ। ଏବେ ଦେବାଶିଷଙ୍କ ଜାମିନ ପାଇଁ ହାଇକୋର୍ଟ ଏକ ମାତ୍ର ସାହା ହୋଇଥିବା ତାଙ୍କ ଚିନ୍ତା ବଢ଼ିବାରେ ଲାଗିଛି।

## ପରିପୂରକ ଖାଦ୍ୟ ସଚେତନତା ଅଭିଯାନ

**କେନ୍ଦୁଝର, ୨୮।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟାଳୟଠାରେ ଶୁକ୍ରବାର ଜିଲାସ୍ତରୀୟ ପରିପୂରକ ଖାଦ୍ୟ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର ଯୋଗଦେଇ ଶିଶୁମାନଙ୍କୁ କୁପୋଷଣରୁ ସୁରକ୍ଷା ଦେବା ପାଇଁ ସର୍ବୋତ୍ତମ ଖାଦ୍ୟ ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଭିଯାନରେ ସ୍ୱାସ୍ଥ୍ୟ ଓ ସମାଜ ମଙ୍ଗଳ ବିଭାଗର କର୍ମଚାରୀ ସାମିଲ ଥିଲେ। ଜିଲା ପରିଷଦ ଅଧକ୍ଷା ୨ଜଣ ଶିଶୁଙ୍କୁ ସୁଷମ ଖାଦ୍ୟ ଦେଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଶେଷରେ ଗ୍ରାମାଞ୍ଚଳରେ ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ଏକ ସଚେତନତା ରଥକୁ ଅଧକ୍ଷା ପତାକା ହଲାଇ ଶୁଭାରମ୍ଭ କରିଥିଲେ।

## ବିଶ୍ୱ ପର୍ଯ୍ୟଟନ ଦିବସରେ ସଚେତନତା

**କେନ୍ଦୁଝର, ୨୮।୯(ସ୍ୱ.ପ୍ର.)**

କେନ୍ଦୁଝରଠାରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରି ନଗର ଭବନରେ ଶେଷ ହୋଇଥିଲା। ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଡକ୍ଟର ଭକ୍ତଚରଣ ପ୍ରଧାନ ଯୋଗଦେଇ ପର୍ଯ୍ୟଟନ ବିଭବ ଗୋଟିଏ ଜାତିର ସମ୍ପଦ ଏବଂ ଦେଶ ଗର୍ବ କରେ ନିଜର ପର୍ଯ୍ୟଟନ ବିଭବକୁ ନେଇ ବୋଲି ସେ କହିଛନ୍ତି। ପର୍ଯ୍ୟଟନସ୍ଥଳୀକୁ ସ୍ୱଚ୍ଛ ଏବଂ ସୁରକ୍ଷିତ ରଖି କେନ୍ଦୁଝର ଜିଲାର ଗରିମାକୁ ବଢାଇବାକୁ ଜିଲାବାସୀଙ୍କୁ ନିବେଦନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ, ସର୍ବ ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଯୋଗ ଦେଇଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଏକ ଶୀର୍ଷକ ନେଇ ଆଲୋଚନା ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସ୍ୱାଗତ ସମ୍ଭାଷଣ ଦେଇଥିଲେ।

---

## ମୟୂରଭଞ୍ଜ

### ସ୍ୱଚ୍ଛ ଭାରତ ଅଭିଯାନ ସପ୍ତାହ

**ବହଳଦା, ୨୮।୯(ଡି.ଏନ.ଏ) :** ମୟୂରଭଞ୍ଜ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ କେନ୍ଦୁଆ ବିଦ୍ୟାଳୟଠାରେ ସ୍ୱଚ୍ଛ ଭାରତ ଅଭିଯାନ ସପ୍ତାହ ପାଳନ କରାଯାଇଛି। ବହଳଦା ବ୍ଲକ ବରେହୀ ନାଳ ଜଳବିଭାଜିକା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶ ଓ ସ୍ୱଚ୍ଛତା ସମ୍ପର୍କିତ ସ୍ଲୋଗାନ, ପ୍ଲାକାର୍ଡ ଧରି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ଗ୍ରାମ୍ୟ ରାସ୍ତା, ବିଦ୍ୟାଳୟ ପରିବେଶକୁ ସଫା କରାଯାଇଥିଲା। ପରେ ବିଦ୍ୟାଳୟରେ ପରିସରରେ ଏ ସମ୍ପର୍କିତ ଏକ ସଚେତନତା ବୈଠକ ଜଳ ବିଭାଜିକା ସଭାପତି ଈଶ୍ୱର ଚନ୍ଦ୍ର ବାସ୍କେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜଳ ବିଭାଜିକାର କ୍ଷେତ୍ର ଅଧିକାରୀ ଅଶୋକ କୁମାର ରାଉତ ଯୋଗଦେଇ ସ୍ୱଚ୍ଛ ଭାରତ ଅଭିଯାନ ଓ ତାର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଇଂ ଜ୍ୟୋତିରଞ୍ଜନ ଜେନା ଜଳବିଭାଜିକା ସମ୍ପାଦକ ନରେନ୍ଦ୍ର ମହାନ୍ତ ,ଜଳବିଭାଜିକା କର୍ମଚାରୀ ମନୋଜ କୁମାର ବେହେରା, ଇଂ ମାନସ କୁମାର ଜେନା,ପ୍ରଧାନ ଶିକ୍ଷକ ଭିକାରୀ ପୃଷ୍ଟି ,ସହକାରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

### କୃମି ନାଶକ ଦିବସ

**ରାଇରଙ୍ଗପୁର, ୨୮।୯ (ଡି.ଏନ୍.ଏ):** ରାଇରଙ୍ଗପୁର ସରକାରୀ ହାଇସ୍କୁଲ ପକ୍ଷରୁ ଜାତୀୟ କୃଷି ନାଶ ଦିବସ ପାଳନ ଅବସରରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୌତମ ବଳିୟାର ସିଂଙ୍କ ଅଧକ୍ଷତାରେ ଆୟୋଜିତ କୃଷି ନାଶ ଜନସଚେତନତା କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ନନ୍ଦ ଏବଂ ଶିକ୍ଷକ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ସେମାନେ ଜାତୀୟ କୃଷି ନାଶ ଦିବସ ପାଳନର ତାତ୍ପର୍ଯ୍ୟତା ଏବଂ ଏହାର ପ୍ରତିଷେଧକ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ/ଶିକ୍ଷକ ଗଣ, ଅଧ୍ୟୟନ ଛାତ୍ରଗଣ ସମେତ ବିଭିନ୍ନ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଜନୈକ ଛାତ୍ରଙ୍କୁ କୃମି କିଟନାଶକ ମେଡିସିନକୁ ପ୍ରଧାନ ଶିକ୍ଷକ ପିଲାଙ୍କୁ ସେବନ କରାଇଥିଲେ।

# ନଭେମ୍ବର ୨୬ରୁ ବାଜିବ ଧୁମୁସା

**ଉଦଳା, ୨୮।୯ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡସ୍ତରୀୟ ଧୁମୁସା ମହୋତ୍ସବ - ୨୦୧୮ ନିମନ୍ତେ ପ୍ରସ୍ତୁତି ବୈଠକ ଶୁକ୍ରବାର ସ୍ଥାନୀୟ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଭଗବାନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ, ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ଥାନାଧିକାରୀ ସନାତନ ସାହୁ, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। ଧୁମୁସା ମହୋତ୍ସବ ପ୍ରସ୍ତୁତି ସମ୍ପର୍କରେ ଅତିଥିମାନେ ଆଲୋଚନା କରିବା ସହ ୨୦୧୭ ମହୋତ୍ସବର ଆୟବ୍ୟୟ ଏବଂ ବିବରଣୀକୁ ଲୋକସମ୍ପର୍କ ଅଧିକାରୀ ପଠନ କରିଥିଲେ । ଚଳିତବର୍ଷ ନଭେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଏହି ମହୋତ୍ସବ ସ୍ଥାନୀୟ ଆଦିବାସୀ ଉନ୍ନୟନ ସମ୍ବଳ ବିକାଶ କେନ୍ଦ୍ର ସାଂସ୍କୃତିକ ମଞ୍ଚରେ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ କଳା, ସାହିତ୍ୟ, ସଂସ୍କୃତି, ଲୋକକଳାକୁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ମହୋତ୍ସବ କମିଟି ଅଧକ୍ଷ ଉପଜିଲାପାଳ କହିଛନ୍ତି। ଏତଦବ୍ୟତୀତ ଉଦଳା, ଗୋପବନ୍ଧୁନଗର, କପ୍ତିପଦା ବ୍ଲକ ସହିତ ସ୍ଥାନୀୟ ଏନଏସିରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ଷ୍ଟଲ ପ୍ରଦର୍ଶୀତ ହେବ । ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, କୃଷି, ଉଦ୍ୟାନ ବିଭାଗ ସହିତ ହସ୍ତଶିଳ୍ପର ପ୍ରଦର୍ଶନୀ ଚଳିତ ବର୍ଷ ଧୁମୁସା ମହୋତ୍ସବରେ ବେଶ୍ ଆକର୍ଷଣ ହେବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି, ଶିକ୍ଷାବିତ୍, ରାଜନେତା, ବଣିକସଂଘ, ଘରୋଇ ବସ୍ ମାଲିକ ସଂଘ, ଠିକାଦାର ସଂଘ, ସରକାରୀ ବେସରକାରୀ କାର୍ଯ୍ୟାଳୟର ଅଧିକାରୀମାନେ ଯୋଗ ଦେଇଥିଲେ । ସବୁ ବର୍ଷ ପରି ମହୋତ୍ସବରେ ସ୍ମରଣିକା ଏବଂ କ୍ୟାଲେଣ୍ଡର ପ୍ରକାଶ ପାଇବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଦୈନନ୍ଦିନ ଆଦିବାସୀ କଳା ସଂସ୍କୃତିର ପାରମ୍ପରିକ ନୃତ୍ୟ ସହିତ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଖ୍ୟାତି ସମ୍ପନ୍ନ ନୃତ୍ୟଗୀତ ଦଳକୁ ମହୋତ୍ସବ ମଞ୍ଚକୁ ଆମନ୍ତ୍ରଣ କରାଯିବ ବୋଲି ସୂଚନା ମିଳିଛି। ଚଳିତ ବର୍ଷ ଧୁମୁସା ମହୋତ୍ସବକୁ ସବୁଠାରୁ ସରସ ସୁନ୍ଦର କରିବା ନିମନ୍ତେ ଉପଜିଲାପାଳ ଉଦଳା ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ।




ଧୁମୁସା ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

- ଉଦଳା ମହୋତ୍ସବ ଧୁମୁସା ପ୍ରସ୍ତୁତି ବୈଠକ
- ଲୋକକଳାକୁ ଦିଆଯିବ ବିଶେଷ ଗୁରୁତ୍ୱ
- ପ୍ରକାଶ ପାଇବ ସ୍ମରଣିକା ଏବଂ କ୍ୟାଲେଣ୍ଡର

## ୩୦ରେ ବିଜେଡି ମହିଳା ସମାବେଶ

**ମୋରଡା, ୨୮।୯**

ଆସନ୍ତା ୩୦ ତାରିଖରେ ମୋରଡାରେ ବିଜେଡି ମହିଳା ମହାସମାବେଶ ଆୟୋଜିତ ହେବ। ଏଥିନିମନ୍ତେ ମୟୂରଭଞ୍ଜ ଜିଲା ବିଜେଡି ସଭାପତି ତଥା ମୋରଡା ବିଧାୟକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ନେତୃତ୍ୱରେ ପସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସମାବେଶରେ ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦେବାଶିଷ ସାମନ୍ତରାୟ, ପ୍ରଣବ ବଳବନ୍ତ ରାୟ, ରାଜ୍ୟ ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ବିଧାୟକ ପ୍ରମିଳା ମଲ୍ଲିକ, ରାଜ୍ୟ ସମ୍ପାଦିକା ଜୟନ୍ତ୍ରୀମୟୀ କବାଟ ଯୋଗ ଦେବେ। ଏହି ସମାବେଶକୁ ଦୃଷ୍ଟିରେ ରଖି ମୋରଡା ନିର୍ବାଚନ ମଣ୍ଡଳୀର ଆଶାୟୀ କେତେକ ଯୁବ ନେତା ରଙ୍ଗାରଙ୍ଗ ବ୍ୟାନର ଲଗାଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ ଜୋରଦାର ଚଳାଇଛନ୍ତି।

## 'ଏକ୍‌ଜାମ୍ ୱାରିୟର୍ସ'ର ଓଡ଼ିଆ ସଂସ୍କରଣ ଲୋକାର୍ପିତ

**ବାରିପଦା ଅଫିସ, ୨୮।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଏଗଜାମ୍ ୱାରିୟର୍ସ''ର ଓଡ଼ିଆ ସଂସ୍କରଣ ବାରିପଦାସ୍ଥିତ ଷ୍ଟାଡ଼ିୟମ୍ ସମ୍ମିଳନୀ ଗୃହରେ ଉନ୍ମୋଚିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲିଖିତ ପୁସ୍ତକର ଓଡ଼ିଆ ଅନୁବାଦର ଲୋକାର୍ପଣ ଓଡିଶାବାସୀଙ୍କ ପାଇଁ ଗୌରବର ଦିନ ହୋଇ ରହିବ। ଏହି ପୁସ୍ତକରେ ପରୀକ୍ଷାକୁ ସାମ୍ନା କରିବା ନାଁରେ ଜୀବନ ଯୁଦ୍ଧକୁ ସାମ୍ନା କରିବାର ସରଳସୂତ୍ର ରହିଛି। ପ୍ରଧାନମନ୍ତ୍ରୀ ନିଜ ସଂଘର୍ଷମୟ ଜୀବନ ଅନୁଭୂତିରୁ ଯେଉଁ ପରାମର୍ଶ ଏହି ପୁସ୍ତକ ମାଧ୍ୟମରେ ଦେଇଛନ୍ତି ତାହା ଯୁବପୀଢିଙ୍କ ପାଇଁ ମର୍ମସ୍ପର୍ଶୀ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ, ସ୍ୱରୂପ କୁମାର ପଟ୍ଟନାୟକ, ପଣ୍ଡିତ ବିଶେଶ୍ୱର ଦ୍ୱିବେଦୀ, ଶିବାଶିଷ କର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସରୋଜ କୁମାର ସାହୁ, ଏସ୍ କେ ଚାନ୍ଦ, ତପନ ହେମ୍ବ୍ରମ୍, ଉତ୍ତମ କୁମାର ଦାଶ, ଅମର ଜ୍ୟୋତି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ପୁସ୍ତକକୁ ଲୋକାର୍ପିତ କରୁଛନ୍ତି।

### ଜାହେର ଆୟ ଫୁଟବଲ ଟୁର୍ନାମେଣ୍ଟ

## ଖଜୁରିପଦାକୁ ହରାଇ ଭୀମକୁଣ୍ଡ ଚାମ୍ପିୟନ

**ଠାକୁରମୁଣ୍ଡା, ୨୮।୯(ଡି.ଏନ.ଏ)**

ଠାକୁରମୁଣ୍ଡା ବ୍ଲକ ତରାମରା ଗ୍ରାମପଞ୍ଚାୟତ ଭାଲୁଘରା ଗ୍ରାମରେ ହେଉଥିବା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜାହେର ଆୟ ଯୁବକ ସଂଘ ପକ୍ଷରୁ ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ମୋଟ ୬୪ଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ। ଖେଳର ଶେଷ ପର୍ଯ୍ୟାୟରେ ମୋଟ ୪ଟି ଦଳ ବିଜୟୀ ହୋଇ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ଭୀମକୁଣ୍ଡ ଫୁଟବଲ ଟିମ୍ ଓ ଖଜୁରୀପଦା ଫୁଟବଲ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମିମାଂଶିତ ରହିବାରୁ ପେନାଲଟି କିକ୍‌ର ସହାୟତା ନିଆଯାଇଥିଲେ । ଏଥିରେ ଭୀମକୁଣ୍ଡ ଫୁଟବଲ ଟିମ୍ ୫-୪ ଗୋଲର ଖଜୁରୀପଦା ଫୁଟବଲ ଟିମଠାରୁ ବିଜୟ ଲାଭ କରିଥିଲେ । ସେହିପରି ମହୁଲଡିହା ଫୁଟବଲ ଟିମ୍ ୩ୟ ସ୍ଥାନ ଓ ୪ର୍ଥ ସ୍ଥାନ ଢୁଲୁକୁ ନାଇଟ ରାଇଡର ଅଧିକାର କରିଥିଲେ । ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଇନ୍ଦୁମତୀ ନାଏକ,ସୁଦାମ ମାଝୀ,ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ପାଲେୟାର ପାଲେୟା,ଖେଳ ଶିକ୍ଷକ କାନ୍ଦୁରୁ ପାତ୍ର, ତୁଳସୀ ମାଝୀ, କ୍ଲବ ସଭାପତି ସାଲେଇ ହାଁସଦାଃ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟ ନବୀନ କୁମାର ଟୁଡୁ,ବସେନ ଟୁଡୁ,ଗୋପୀନାଥ ଟୁଡୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ସେପ୍ଟେମ୍ବର ୨୯/୨୦୧୮ Balasore, Saturday, September 29/ 2018

# ମାଟିକାନ୍ଥ ପଡ଼ି ୭ ବର୍ଷର ବାଳକଙ୍କ ମୃତ୍ୟୁ

ଧାମନଗର,୨୮।୯(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ପଠାଣ ମହଲା ବସ୍ତିରେ କାନ୍ଥ ପଡିଯିବାରୁ ସେକ୍ ଜାନିଙ୍କ ପୁଅ ସେକ୍ ରାହୁଲ(୭)ଙ୍କର ମୃତ୍ୟୁ ଘଟିଛି। ଲଗାଣ ବର୍ଷାରେ ମାଟିଘର କାନ୍ଥ ଦୁର୍ବଳ ହୋଇ ପଡିଥିଲା। ରାହୁଲ ଘରେ ଥିବାବେଳେ ହଠାତ୍ ମାଟି କାନ୍ଥ ଭୁଶୁଡି ପଡ଼ି ତାଙ୍କ ଉପରେ ଚାପି ହୋଇଯାଇଥିଲା। ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ଧାମନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୭/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ରାହୁଲ ଧାମନଗର ହିନ୍ଦୁ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀର ଛାତ୍ର ଥିଲେ। ତାଙ୍କ ମୃତ୍ୟୁରେ ବିଦ୍ୟାଳୟରେ ଶୋକ ପାଳନ କରାଯାଇଛି।

# ମଦ ଦୋକାନ ଭାଙ୍ଗିଲେ ମହିଳା

**ବସ୍ତା, ୨୮।୯(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ମୁକୁଳିସି ବଜାର ନିକଟରେ ମହିଳାମାନେ ବେଆଇନ ଓ ଚୋରାରେ ବିକ୍ରି ହେଉଥିବା ମଦଦୋକାନକୁ ଭାଙ୍ଗିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ମା' ଘର ସଭାପତି ଜ୍ୟୋସ୍ନା ମହାନ୍ତିଙ୍କ ନେତୃତ୍ୱରେ ବହୁ ମହିଳା ଏହି ମଦ ଦୋକାନରେ ପହଞ୍ଚି କଟିଆ ପ୍ରଧାନ, ସୁରେଶ ନନ୍ଦୀ, ଛୋଟା ଗାଆଣର ଗଞ୍ଜେଇ ଦୋକାନ ଭାଙ୍ଗିଥିବା ଜଣାପଡ଼ିଛି। ଏନେଇ ସେଠାରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ